୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    ପର୍ଯ୍ୟବେକ୍ଷକ

Vol.26 . No.221 Bhubaneswar Thursday October 10 2024 | ୨୬ତମ ବର୍ଷ | ସଂଖ୍ୟା–୨୨୧ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ନିର୍ମାଣାଧୀନ ହୋଟେଲର ଛାତ ଭୁଶୁଡ଼ି ଜଣେ ମୃତ, ୨ ଗୁରୁତର



ଭୁବନେଶ୍ୱର,୯।୧୦(ପି.ଏନ): ଢେଙ୍କାନାଳ ସହରର ମହିଷାପାଟରେ ୫୫ ନମ୍ବର ଜାତୀୟ ରାଜପଥ କଡରେ ଘଟିଛି ବଡ଼ ଧରଣର ଅଘଟଣ। ଏକ ନିର୍ମାଣାଧୀନ ୫ ମହଲା ବିଶିଷ୍ଟ ହୋଟେଲ କୋଠାର ପୋର୍ଟିକର ଛାତ ପଡୁଥିବା ବେଳେ ତାହା ଭୁଶୁଡି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଭଗ୍ନାବଶେଷ ତଳେ ଆହୁରି ତିନି/ଚାରି ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ଗୁରୁତର ଆହତ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କର ଦୁଇଟି ଯାକ ହାତ କଟି ଯାଇଛି। ଡାହାଣ ହାତଟି କହୁଣୀ ପାଖରୁ କଟି ଯାଇଥିବା ବେଳେ ବାମ ହାତଟି ପାପୁଲି ପାଖରୁ କଟି ଯାଇଛି। ଉଭୟଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଆମେ ଯାହା ପ୍ରତିଶ୍ରୁତି ଦେଉ, ତାକୁ ଅକ୍ଷର ଅକ୍ଷରେ ପାଳନ କରୁ: ସୁଭଦ୍ରା ଟଙ୍କା ବାଣ୍ଟିବା ପରେ ଏପରି କହିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୦(ପି.ଏନ): ଆଜି ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ବଣ୍ଟନ କରାଯାଇଛି। ତେବେ ଆଜି ୩୫ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଟଙ୍କା ଯାଇଛି। ବାରିପଦାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୁଭଦ୍ରା ଟଙ୍କାକୁ ବଣ୍ଟିଛନ୍ତି। ଏହାପରେ ସେ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଆଜି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ମହିଳାଙ୍କୁ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ସରକାର ଯାହା ପ୍ରତିଶ୍ରୁତି ଦିଏ, ତାକୁ ଅକ୍ଷର ଅକ୍ଷରେ ପାଳନ କରେ। ସୁଭଦ୍ରା ଯୋଜନା ଓଡିଶାର ସର୍ବବୃହତ୍ତ ଯୋଜନା।



ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଡବଲ ଇଞ୍ଜିନ ସରକାରକୁ ଆପଣ ସଫଳ କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ଡବଲ ବିକାଶ ହେବ, ଡବଲ ଫାଇଦା ମିଳିବ। ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୧୭୫୦ କୋଟିର ସୁଭଦ୍ରା ସହାୟତା ଦିଆଗଲା। ୨ୟ ପର୍ଯ୍ୟାୟରେ ମୋଟ ୩ ହଜାର କୋଟି ଟଙ୍କାର ସହାୟତା ଦିଆଗଲାଣି।

## ବିଜେଡି ବିଧାୟକ ସୌଭିକ ବିଶ୍ୱାଳଙ୍କ ବିସ୍ଫୋରକ ଭାଷଣ, ଦଳୀୟ ତୁଙ୍ଗ ନେତାଙ୍କ ଉପରେ ବର୍ଷିଲେ



ଭୁବନେଶ୍ୱର,୯।୧୦(ପିଏନ):କଟକରେ ଆଜି ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ବିସ୍ଫୋରକ ଭାଷଣ ଦେଇଛନ୍ତି ଦଳର ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ। ସେ ନାଁ ନ ନେଇ ଦଳର ଜଣେ ତୁଙ୍ଗ ନେତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।ସେ କହିଛନ୍ତି, ୨୦୧୯ ଓ ୨୦୨୪ ବିଧାନସଭା ନିର୍ବାଚନରେ ମୋତେ ହରାଇବା ପାଇଁ ପ୍ରୟାସ କରାଯାଇଥିଲା। ମୋ'ଠାରୁ ଆଉ ୨/୩ ବର୍ଷ ବଡ ଜଣେ ଯୁବକ, ଯିଏ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ ହେଁ ଆଜି ବି ଦଳର ନେତୃତ୍ୱ ନେଉଛନ୍ତି, ସେ ଓ ତାଙ୍କର ବନ୍ଧୁବାନ୍ଧବ ଆମ (ସେ ଓ ତାଙ୍କ ବାପା ପ୍ରଭାତ ବିଶ୍ୱାଳ) ବିରୋଧରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କେଉଁଠାରୁ ଆସିଲା ସେହି କଳାଧନ? କେଉଁଠାରୁ ଆସିଲା ଏତେ ଟଙ୍କା? କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା ପ୍ରଭାତ ବିଶ୍ୱାଳଙ୍କୁ ବଳି ପକାଇବାକୁ। କିନ୍ତୁ ମହାପ୍ରଭୁ ଶ୍ରୀଗଜନ୍ନାଥଙ୍କ ଆଶୀର୍ବାଦ ରହିଛି। ଧର୍ମର ଓ ସତ୍ୟର ଯୁଗେ ଯୁଗେ ବିଜୟ ହୋଇଛି। ଆଉ ଆଜି ବି ହୋଇଛି। କହି ରଖିବା ପାଇଁ ଚାହେଁ, କଟକ-ଚୌଦ୍ୱାରରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ୫୦୦୦ ହଜାର କୋଟି ଟଙ୍କାର କାମ ହୋଇଛି। ତଳଦଣ୍ଡା କେନାଲରେ ୨୦୦ କୋଟି ଟଙ୍କାର, ଜାଇକାରେ ୩ ହଜାର କୋଟି ଟଙ୍କାର ଓ ନେତାଜୀ ଟର୍ମିନାଲରେ ୧୫୦/୨୦୦ କୋଟି ଟଙ୍କା କାମ ହୋଇଛି। କିନ୍ତୁ କୌଣସି ଏଜେନ୍ସି, ଠିକାଦାର, ଅଫିସର ବା ଇଞ୍ଜିନିୟର କହିପାରିବେନି ଯେ ସେମାନେ ଆମକୁ ଟଙ୍କାଟିଏ ଦେଇଛନ୍ତି। କାରଣ ସେ କାରବାର ଚାଲେ ନାହିଁ ପ୍ରଭାତ ବିଶ୍ୱାଳଙ୍କ ପାଖରେ।

## ଆଜିଠାରୁ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ, ଓଡିଆ ଭାଇ ଭଉଣୀଙ୍କୁ ଦଳରେ ସାମିଲ ହେବା ପାଇଁ ଆହ୍ୱାନ କରିଛନ୍ତି ନବୀନ ପଟ୍ଟନାୟକ

ଭୁବନେଶ୍ୱର,୯।୧୦(ପି.ଏନ): ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ଶଙ୍ଖ ଭବନରୁ ଏହି ଅଭିଯାନ ଆରମ୍ଭ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବର୍ତ୍ତମାନ ଦଳରେ ମୋଟ୍ ସକ୍ରିୟ ସଭ୍ୟ ସଂଖ୍ୟା ପ୍ରାୟ ୪ ଲକ୍ଷ ରହିଛି । ତେବେ ଦଳକୁ ଅଧିକ ସୁଦୃ? କରିବା ଲକ୍ଷ ନେଇ ପ୍ରତ୍ୟେକ ବର୍ଗର ଲୋକଙ୍କୁ ବିଜେଡି ସହ ଜୋଡି ହେବାକୁ ଆହ୍ୱାନ ଦେଇଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ । ଆସନ୍ତା ୨ ମାସ ଯାଏଁ ଚାଲିବ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ।ନିର୍ବାଚନ ପରାଜୟ ପରେ ବିଜୁ ଜନତା ଦଳର ପ୍ରଥମ ସଦସ୍ୟତା ଅଭିଯାନ ଏକାମ୍ର ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରାଯାଇଛି । ବିଜେଡି ସଭାପତି ଭାବେ ନବୀନ ପଟ୍ଟନାୟକ ପ୍ରଥମ ସଦସ୍ୟତା ଗ୍ରହଣ କରିଛନ୍ତି । ଡିଜିଟାଲି ଏବଂ ଫିଜିକାଲି ଲୋକଙ୍କ ପାଖକୁ ଯାଇ ବିଜେଡି ସଦସ୍ୟତା ସଂଗ୍ରହ କରିବେ । ଶାସକ ଦଳରେ ଥିବା ବେଳେ ଯେପରି ସଦସ୍ୟତା କାର ?୍ୟକ୍ରମ ହେଉଥିଲା ବର୍ତ୍ତମାନ ବିରୋଧୀ ଦଳ ଭୂମିକାରେ ତା ଠାରୁ ବ୍ୟାପକ କରାଯିବ । ପୂର୍ବରୁ ଏକ କୋଟି ସଦସ୍ୟତା ଗ୍ରହଣ କରାଯାଇଥିବା ବେଳେ ଏଥର ୧ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟତା ପାଇଁ ବିଜେଡି ପ୍ରସ୍ତୁତ ହୋଇଛି । ସମସ୍ତ ସାଂଗଠାନିକ ଜିଲ୍ଲା ଭର୍ଚୁଆଲ ମଧ୍ୟମରେ ଯୋଡ଼ିହୋଇ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ ।

## ବନ୍ଧା ହେଲେ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ବାବୁ

ଭୁବନେଶ୍ୱର,୯।୧୦(ପି.ଏନ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ବ୍ୟକ୍ତିଗତ ସଚିବ ରମେଶଚନ୍ଦ୍ର ଜେନାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟଠାରୁ ୧୨୩% ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଆପ୍‌ର ବଡ ଅଭିଯୋଗ: ସରକାରୀ ବଙ୍ଗଳାରୁ ଫିଙ୍ଗିଦେଲେ ମୁଖ୍ୟମନ୍ତ୍ରୀଙ୍କ ଜିନିଷପତ୍ର

ଭୁବନେଶ୍ୱର,୯।୧୦(ପି.ଏନ): ଦିଲ୍ଲୀର କ୍ଷମତାସୀନ ଆମ ଆଦମୀ ପାର୍ଟି ଉପ ରାଜ୍ୟପାଳ ଭିକେ ସକ୍‌ସେନାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି। ଉପ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ଜିନିଷପତ୍ର ତାଙ୍କ ସରକାରୀ ବଙ୍ଗଳାରୁ ବାହାରକୁ ଫିଙ୍ଗି ଦିଆଯାଇଛି।୬ ଫ୍ଲାଗଷ୍ଟାଫ ରୋଡରେ ଥିବା ସରକାରୀ ବଙ୍ଗଳରେ ଏପରି ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ କବଜା କରିବା ପାଇଁ ବିଜେପି କରୁଥିବା ଷଡଯନ୍ତ୍ର ଆଧାରରେ ଏପରି କରାଯାଇଥିବା ଆପ୍ ଅଭିଯୋଗ କରିଛି ।ଦିଲ୍ଲୀ ସିଏମଓ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ସିଭିଲ ଲାଇନ୍ସର ୬ ଫ୍ଲାଗଷ୍ଟାଫ ରୋଡ୍ ?ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ବଳପୂର୍ବକ ଖାଲି କରାଯାଇଛି। ବିଜେପି ନିର୍ଦ୍ଦେଶରେ ଉପ ରାଜ୍ୟପାଳ ଭିକେ ସକ୍‌ସେନା ଏପରି କରିଛନ୍ତି। ଉପ ରାଜ୍ୟପାଳ ସକ୍‌ସେନା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ବିଜେପିର ଜଣେ ନେତାଙ୍କୁ ଦେବାକୁ ଚାହୁଁଛନ୍ତି।"



## ନିର୍ବାଚନ କମିଶନଙ୍କୁ ଭେଟିଲା କଂଗ୍ରେସ ଟିମ୍, ୨୦ ଆସନର ଇଭିଏମକୁ ସିଲ କରିବାକୁ କହିଲା

ଭୁବନେଶ୍ୱର,୯।୧୦(ପିଏନ):ହରିୟାଣାରେ ବଡ ପରାଜୟ ପରେ ଭୋଟ ଗଣତି ଓ ଇଭିଏମ ଉପରେ ପ୍ରଶ୍ନ ଉଠାଇଥିବା କଂଗ୍ରେସ ଆଜି ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଦଳର ବରିଷ୍ଠ ନେତା କେସି ଭେନୁଗୋପାଲ, ଜୟରାମ ରମେଶ, ପବନ ଖେଡା ଓ ଅଜୟ ମାକେନଙ୍କୁ ନେଇ ଗଠିତ ଟିମ ଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନରଙ୍କୁ ଭେଟିଛି। ଏଥିସହ ହରିୟାଣା ବିଧାନସଭା ନିର୍ବାଚନ ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଦଳ ପକ୍ଷରୁ ହରିୟାଣାର ୨୦ଟି ଆସନର ଇଭିଏମକୁ ସିଲ୍ କରିବାକୁ ଦାବି କରାଯାଇଛି। ଇସିଆଇଙ୍କ ସହ ବୈଠକ ପରେ କଂଗ୍ରେସ ନେତା ପବନ ଖେଡା କହିଛନ୍ତି ଯେ ଯେଉଁ ସବୁ ଭୋଟିଂ ମେସିନ ବିରୋଧରେ ଅଭିଯୋଗ କରାଯାଇଛି, ସେଗୁଡିକୁ ସିଲ୍ କରିବାକୁ ନିର୍ବାଚନ କମିଶନଙ୍କୁ କୁହାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆହୁରି ଅଭିଯୋଗ ଦାଖଲ କରାଯିବ।



## ରାଜ୍ୟ ଉଦ୍ୟୋଗ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା, ସରକାର ରଖିଲେ ୯ଟି ସର୍ତ୍ତ

ଭୁବନେଶ୍ୱର,୯।୧୦(ପି.ଏନ): ରାଜ୍ୟ ସରକାରଙ୍କ ବିଭିନ୍ନ ଉଦ୍‌ଯୋଗ(ପିଏସୟୁ)ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଦଶହରା ଅବସରରେ ଆଜି ପୂଜା ଭେଟି ଦେଇଛନ୍ତି ମୋହନ ମାଝୀଙ୍କ ସରକାର । ସେମାନଙ୍କର ମହଙ୍ଗା ଭତ୍ତା ପରିମାଣ ୪୬%ରୁ ୫୦%କୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୪ ଜାନୁୟାରୀ ପହିଲାରୁ ଲାଗୁ ହେବ । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତତକାଳୀନ ବିଜେଡି ସରକାର ମାର୍ଚ୍ଚ ୧୪ତାରିଖରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତାକୁ ୪୬%ରୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ । ଆଜି ସାଧାରଣ ଉଦ୍‌ଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରୀ ଉଦ୍‌ଯୋଗୀ କର୍ମଚାରୀମାନଙ୍କୁ ୨୦୧୭ ଦରମା ହାର ଆଧାରରେ ମହଙ୍ଗା ଭତ୍ତା ପରିମାଣକୁ ୪୬%ରୁ ୫୦%କୁ ବୃଦ୍ଧି କରାଗଲା । ଯାହାକି ୨୦୨୪ ଜାନୁୟାରୀ ୧ରୁ ପିଛିଲା ଭାବେ ଲାଗୁ ହେବ । ତେବେ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ରାଜ୍ୟ ଉଦ୍‌ଯୋଗରେ କାର୍ଯ୍ୟରତ ଯୋଗ୍ୟ କର୍ମଚାରୀଙ୍କୁ ହିଁ ମିଳିପାରିବ । ସେଥିପାଇଁ ସାଧାରଣ ଉଦ୍‌ଯୋଗ ବିଭାଗ ମୋଟ ୯ଟି ସର୍ତ୍ତ ରଖିଛି । ଏହି ସର୍ତ୍ତସବୁ ପୂରଣ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟୋଗଗୁଡ଼ିକ ନିଜର କର୍ମଚାରୀ ମାନଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା ନିଜ ପାଣ୍ଠିରୁ ହିଁ ଦେଇପାରିବେ । ଏଥିପାଇଁ ରାଜ୍ୟ ସରକାର କୌଣସି ଆର୍ଥିକ ସହାୟତା ଦେବେ ନାହିଁ ।




## ସରକାରଙ୍କ ବଡ ଘୋଷଣା: ୨୦୨୮ ଯାଏ ମିଳିବ ପୋଷଣଯୁକ୍ତ ମାଗଣା ଚାଉଳ

ଭୁବନେଶ୍ୱର,୯।୧୦(ପି.ଏନ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଖାଦ୍ୟ ଆଇନ ଓ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଦିଆଯାଉଥିବା ମାଗଣା ପୋଷଣଯୁକ୍ତ ଚାଉଳ ବଣ୍ଟନ ପ୍ରକ୍ରିୟା ଜାରି ରହିବ। ଆସନ୍ତା ୨୦୨୮ ଯାଏ ଲୋକମାନେ ମାଗଣାରେ ଏହି ଚାଉଳ ପାଇପାରିବେ ।ଏଥିପାଇଁ ୧୭,୦୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା କ୍ୟାବିନେଟ ବୈଠକରେ ଏହା ଉପରେ ମୋହର ଲଗାଯାଇଛି। ଆନେମିଆ ଓ ଅପପୃଷ୍ଟିକୁ ରୋକିବା ପାଇଁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।



## ରେଖାଙ୍କୁ କ୍ରୋଧରେ ଚାପୁଡ଼ା ମାରିଥିଲେ ଅମିତାଭ

ମୁମ୍ବାଇ,୯।୧୦(ପି.ଏନ): ବଲିଉଡରେ ଅମିତାଭ ବଚ୍ଚନ ଏବଂ ରେଖାଙ୍କ ପ୍ରେମ କାହାଣୀ ବିଷୟରେ ସଭିଙ୍କୁ ଜଣା। ଏକ ସମୟ ଥିଲା ଯେତେବେଳେ ସେମାନଙ୍କ ପ୍ରେମ ବିଷୟରେ ଅନେକ ଚର୍ଚ୍ଚା ହେଉଥିଲା । ଆଜି ମଧ୍ୟ ଯଦି ଉଭୟଙ୍କୁ ଏକାଠି କୌଣସି ସ୍ଥାନରେ ଦେଖାଯାଏ, ତେବେ ସେମାନଙ୍କ ପ୍ରଶଂସକମାନେ ସେମାନଙ୍କ ମଧ୍ୟରେ ଥିବା ପୁରୁଣା ସମ୍ପର୍କକୁ ମନେ ପକାଇଥାନ୍ତି। କିନ୍ତୁ ଏପରି ଏକ ସମୟ ଥିଲା ଯେତେବେଳେ ଅମିତାଭ ବଚ୍ଚନ ଥରେ ରେଖାଙ୍କୁ ଅନ୍ୟ ଜଣେ ଅଭିନେତ୍ରୀଙ୍କ ପାଇଁ କ୍ରୋଧରେ ଚାପୁଡ଼ା ମାରିଥିଲେ।

## ଧାମନଗରରୁ ହଟିଲା ଧାରା ୧୬୩, ସୂଚନା ଦେଲେ ଉପ ଜିଲ୍ଲାପାଳ

ଭୁବନେଶ୍ୱର,୯।୧୦(ପି.ଏନ): ସବୁଆଡ଼େ ପାର୍ବଣର ମାହୋଲ । ଏଥିମଧ୍ୟରେ ଭଦ୍ରକ ଜିଲ୍ଲା ଧାମନଗର ଏନଏସିରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଧାରା ୧୬୩କୁ ଉଚ୍ଛେଦ କରାଯାଇଛି । ବର୍ତ୍ତମାନ ସେଠାରେ ଶାନ୍ତିପୂର୍ଣ୍ଣ ପରିସ୍ଥିତି ଥିବା ଯୋଗୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଧୋବଲ ସହ ଆଖପାଖ ଅଂଚଳରୁ ମଧ୍ୟ ଧାରା ୧୬୩ କଟକଣା ହଟାଯାଇଛି । ଆଜିଠାରୁ କଟକଣା ହଟିବା ନେଇ ଉପ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ, ଗତ ମାସ ୨୭ ତାରିଖରୁ ଏକ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ଧାମନଗର ଏନଏସି ଓ ଏହାର ପାଖ ଅଞ୍ଚଳ ଅଶାନ୍ତ ହୋଇ ଉଠିଥିଲା । ଏହାପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଠାରେ ଧାରା ୧୬୩ ଲାଗୁ କରାଯାଇଥିଲା । ପୁଲିସ ଡିଜି ୱାଇ.ବି ଖୁରାନିଆ ଧାମନଗର ଏନଏସିରେ ସ୍ଥିତିର ସମୀକ୍ଷା କରିଥିଲେ । ଏହାସହ ବରିଷ୍ଠ ଅଧିକାରୀମାନଙ୍କ ସହ ଧାମନଗର ଥାନାରେ ଆଲୋଚନା କରିଥିଲେ । ସମୀକ୍ଷା ପରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ଅଯଥା ସୋସିଆଲ ମିଡିଆ ପୋଷ୍ଟରେ କମେଣ୍ଟ କରିବା ଠାରୁ ଦୁରେଇ ରହିବ ପାଇଁ ଡିଜିପି ନିବେଦନ କରିଥିଲେ ।



## ରାସନ କାର୍ଡ ନଥିଲେ ମିଳିବନି 'ସୁଭଦ୍ରା' ଟଙ୍କା !

ଭୁବନେଶ୍ୱର,୯।୧୦(ପି.ଏନ): ସୁଭଦ୍ରା ଯୋଜନାରେ ଲକ୍ଷ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ପଠାଯାଇଛି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା । ଆହୁରି ଅନେକ ଲୋକ ଏଥିରେ ଟଙ୍କା ପାଇନାହାନ୍ତି । ତେବେ ଏହାଭିତରେ ଗୋଟିଏ କଥା ଶୁଣିବାକୁ ମିଳୁଛି ଯେ, ରାସନ କାର୍ଡ ନଥିଲେ 'ସୁଭଦ୍ରା' ଟଙ୍କା ମିଳିବ ନାହିଁ । ରାସନ କାର୍ଡ ଯାହାର ଅଛି ସେହି ମାନଙ୍କୁ ଟଙ୍କା ମିଳିବ । ଏବେ ସୁଭଦ୍ରା ଯୋଜନାକୁ ନେଇ ଲୋକେ ଏମିତି ସନ୍ଦେହରେ ରହିଛନ୍ତି । ଲୋକଙ୍କ ବିଭିନ୍ନ ପ୍ରଶ୍ନ ଭିତରେ ନିରୀହ ହିତାଧିକାରୀ ମାନେ ଭ୍ରମିତ ହୋଇ ଯାଉଛନ୍ତି । ଯାହାକୁ ନେଇ ଆଶା ଆଶଙ୍କାରେ ରହୁଛନ୍ତି କି ଟଙ୍କା ମିଳିବ କି ନାହିଁ ବୋଲି ।ଆଜି ଲକ୍ଷ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସନ୍ଧ୍ୟା ସୁଦ୍ଧା ସମସ୍ତଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ ବୋଲି ଜାଣିବାକୁ ମିଳିଛି । କିନ୍ତୁ ରାସନ କାର୍ଡ ନଥିଲେ ଟଙ୍କା ମିଳିବ କି ନାହିଁ ତାକୁ ନେଇ ଅନେକ ହିତାଧିକାରୀଙ୍କ ମନରେ ପ୍ରଶ୍ନ ଉଠିଛି । ଯେଉଁ ମାନଙ୍କର ରାସନ କାର୍ଡ ନାହିଁ ଏବଂ ଯେଉଁ ମାନଙ୍କର ରାସନ କାର୍ଡ ଅଛି ସମସ୍ତେ ସୁଭଦ୍ରା ଟଙ୍କା ପାଇଁ ଆବେଦନ କରିଛନ୍ତି । ହେଲେ ଲୋକେ କହୁଛନ୍ତି ରାସନକାର୍ଡ ନଥିଲେ ଟଙ୍କା ମିଳିବ ନାହିଁ । ତେବେ ଏଠାରେ ଆମେ କହିବାକୁ ଚାହିଁବୁ କି ଏମିତି କିଛି ବି ସୁଭଦ୍ରା ନୟମରେ ବର୍ଣ୍ଣନା କରାଯାଇ ନାହିଁ ।ରାସନ କାର୍ଡ ଏବଂ ସୁଭଦ୍ରା ଟଙ୍କା ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଯଦି ଏମିତି ହୋଇଥାନ୍ତା ତାହାଲେ ୨୧ ବର୍ଷରୁ ଅଧିକା ହିତାଧିକାରୀ ପାଇ ପାରି ନଥାନ୍ତେ । ରାସନ କାର୍ଡ ନଥିଲେ ବିଲକୁଲ ବି ବ୍ୟସ୍ତ ହୁଅନ୍ତୁ ନାହିଁ । ରାସନ କାର୍ଡ ନଥିଲେ ବି ୫ ବର୍ଷ ପର୍ଯ୍ୟନ୍ତ ପାଇ ପାରିବେ ସୁଭଦ୍ରା ଟଙ୍କା । ଏଥିରେ କୌଣସି ଅସୁବିଧା ହେବ ନାହିଁ । ଯେଉଁ ମାନେ କହୁଛନ୍ତି ମିଳିବ ନାହିଁ ସେମାନେ ଭୁଲ କହୁଛନ୍ତି । ଆପଣଙ୍କର କେବଳ ଡିବିଟି ଏବଂ ଇ-କେୱାଇସି ସବୁ ଠିକ୍ ଥିବା ଦରକାର । ଠିକ୍ ଥିଲେ ହିଁ ସୁଭଦ୍ରା ଯୋଜନାର ଟଙ୍କା ଆସି ପାରିବ । ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ହିତାଧିକାରୀ ପାଇଥିଲେ ସୁଭଦ୍ରା ଟଙ୍କା । ଏହା ପରେ ୪୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏବେ ମିଳିବାକୁ ଯାଉଛି ସୁଭଦ୍ରା ଟଙ୍କା ।











# ଟି ଟାଇମ୍



## ଜୋକ୍ସ

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ'ଣ ରହିଲା।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଚାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।




# ମାସ୍କ ହିଁ ମୋର-ଆପଣଙ୍କର ସୁରକ୍ଷା କବଚ !



ପ୍ରାୟ ଏକ ବର୍ଷ ଧରି ସାରା ବିଶ୍ୱକୁ ଆତଙ୍କିତ କରି ରଖିଥିବା କରୋନାର ପ୍ରଭାବ ଏବେ କମି ଆସୁଥିବା ବେଳେ ଏହାର ଦ୍ୱିତୀୟ ଲହର ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ମହାମାରୀ କରୋନା ଭୂତାଣୁ ପବନରେ ବ୍ୟାପୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। କରୋନା ସୃଷ୍ଟି କରିଥିବା ସାର୍ସ କୋଭ-୨ ଭାଇରସ୍ ବାୟୁମଣ୍ଡଳରେ ବୁଲି ବୁଲି ଲୋକଙ୍କୁ ସଂକ୍ରମିତ କରୁଛି ବୋଲି ମେଡିକାଲ ଜର୍ଣ୍ଣାଲ ଲାନସେଣ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ଏହି କାରଣରୁ ସଂକ୍ରମଣ ଦ୍ରୁତ ଗତିରେ ବଢିବାରେ ଲାଗିଛି। ଜଣେ ସଂକ୍ରମିତ କଥା କହିବା ବେଳେ, ଚିତ୍କାର କଲାବେଳେ, ଗୀତ ଗାଇବା ବେଳେ ଓ ଛିଙ୍କିବା ବେଳେ ପବନରେ ଭାଇରସ ଅନ୍ୟ ଲୋକଙ୍କୁ ସଂକ୍ରମିତ କରିଥାଏ । ଏହାକୁ ରୋକିବା ପାଇଁ ଟୀକା ବ୍ୟତୀତ ଆମକୁ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି କୁହାଯାଉଛି।

ଏଠାରେ ସୂଚନା ଯୋଗ୍ୟ ଯେ, ଅଦ୍ୟାବଧି ମହାମାରୀ କରୋନା ୨୧୩ଟିରୁ ଉର୍ଦ୍ଧ୍ୱ ଦେଶରେ ତାର କାୟାବିସ୍ତାର କରିସାରିଛି ।କୁହାଯାଉଛି ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ଯେତିକି ଲୋକ ମୃତ୍ୟୁବରଣ କରିନଥିଲେ କରୋନାରେ ତାଠାରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଲେଣି। ଅଦ୍ୟାବଧି ବିଶ୍ୱର ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ରୋଗରେ ମୃତ୍ୟୁ ବରଣ କରିସାରିଲେଣି। ଏହି ସମୟ ମଧ୍ୟରେ କରୋନା ଟୀକା ବାହାରି ସାରିଛି। ଏପରିକି ବ୍ରିଟେନ ଓ ଆମେରିକାରେ ଫାଇଜର ଟୀକାକରଣ ଆରମ୍ଭ ହୋଇଛି। ଆମ ଦେଶରେ ମଧ୍ୟ କରୋନା ଟୀକାକରଣ ଆରମ୍ଭ ହୋଇଛି। ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଟୀକା ଉତ୍ସବ ପାଳନ କରାଯାଇଛି। ତଥାପି ପ୍ରାରମ୍ଭିକ ପର୍ଯ୍ୟାୟରେ ମୁହଁରେ ମାସ୍କ ବାନ୍ଧିବା, ସାନିଟାଇଜରରେ ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯାହାର ସୁଫଳ ମଧ୍ୟ ମିଳିଛି। ବିଶେଷକରି ମାସ୍କ ପିନ୍ଧିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ମାସ୍କ ହିଁ ସାଜିଛି ସୁରକ୍ଷା କବଚ। ଏବେ ଯାହାକୁ ଦେଖିବ ସେ ମୁହଁରେ ମାସ୍କ ବା ତୁଣ୍ଡି ପରିଧାନ କରିଛି । ଧନୀ-ଗରିବ, ଉଚ୍ଚ- ନୀଚ ସମସ୍ତେ ଏହାକୁ ସୁରକ୍ଷା କବଚ ଭାବେ ବ୍ୟବହାର କରୁଛନ୍ତି। ଇତିମଧ୍ୟରେ ରାଜସ୍ଥାନ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ କରୋନା ମୁକାବିଲା ପାଇଁ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିଛି। ଏହାର ଅବମାନନା ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ଆଇନରେ ରଖାଯାଇଛି। ସେହିପରି ଆମ ରାଜ୍ୟରେ ମଧ୍ୟ କୋଭିଡ କଟକଣାକୁ କଡାକଡି କରାଯାଇଛି। ମାସ୍କ ପିନ୍ଧୁ ନଥିବା ଲୋକଙ୍କ ଠାରୁ ଜୋରିମାନା ମଧ୍ୟ ଆଦାୟ କରାଯାଉଛି।

କରୋନା ଭୂତାଣୁ ସଂକ୍ରମଣଠାରୁ ନିଜକୁ ଦୁରେଇ ରଖିବାପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସାମାଜିକ ଦୂରତାସହ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଯେ ପର୍ଯ୍ୟନ୍ତ କୋଭିଡ ଟୀକାକରଣ ସମ୍ପୂର୍ଣ୍ଣ ନହୋଇଛି ସେ ପର୍ଯ୍ୟନ୍ତ ମାସ୍କ ହିଁ ସୁରକ୍ଷା କବଚ ପାଲଟିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗାଇଡଲାଇନ ଜାରି କରାଯାଇଛି। ଏପରିକି ୭ ମାସରେ ୩୦କୋଟି ଲୋକଙ୍କୁ ଟୀକା ଦିଆଯାଇପାରିବ। ତଥାପି ଯେ ପର୍ଯ୍ୟନ୍ତ କୋଭିଡ ଟୀକା ସାଧାରଣରେ ଉପଲବ୍ଧ ହୋଇପାରିନାହିଁ ସେପର୍ଯ୍ୟନ୍ତ ଆମକୁ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ଉପରେ ସଚେତନ ରହିବାକୁ ପଡିବ। ଏ ସବୁ ସତ୍ତ୍ୱେ କିଛି ଅମାନିଆ ମାସ୍କ ପିନ୍ଧୁ ନଥିବା ଘଟଣା ଆଗକୁ ଆସୁଛି। ଏପରିକି ସେମାନଙ୍କ ଠାରୁ ଫାଇନ୍ ଆଦାୟ କରାଯାଉଛି। ତଥାପିସେମାନେ ବୁଝିପାରୁନାହାନ୍ତି ଯେ, ଏଭଳି କରିବା ଦ୍ୱାରା ସେମାନେ କେବଳ ନିଜପାଇଁ ନୁହେଁ, ନିଜର ପରିବାର ତଥା ସମାଜ ପାଇଁ ବିପଦକୁ ଡାକି ଆଣୁଛନ୍ତି। ପାର୍ବଣରେ ସାମାନ୍ୟ ଅବହେଳା ଓ ସାମାଜିକ ଦୂରତା ରଖିବାରେ ଢିଲାପଣ ଏବେ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏଥିପାଇଁ ଦିଲ୍ଲୀ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସଂକ୍ରମଣ ପୁଣି ଉପରମୁହାଁ ହୋଇଥିଲା। ଏବେ ମହାରାଷ୍ଟ୍ର, ଛତିଶଗଡ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ କର୍ଣ୍ଣାଟକ ସଂକ୍ରମଣ ଚିନ୍ତା ବଢାଉଛି। କେବଳ ଛତିଶଗଡ,ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସଂକ୍ରମଣ ମାମଲା ଦୈନିକ ୧ଲକ୍ଷରୁ ଉର୍ଦ୍ଧ୍ୱ ରହୁଛି। କେବଳ ମହାରାଷ୍ଟ୍ରରେ ଦିନକରେ ୬୪ହଜାର ମାମଲା ସାମ୍ନାକୁ ଆସୁଛି। ଏସବୁ ରାଜ୍ୟରେ ସଂକ୍ରମଣ ବଢିବା ସହ ମୃତ୍ୟୁ ମଧ୍ୟ ବଢୁଛି। ଛତିଶଗଡରେ ଗତ ୨ସପ୍ତାହ ମଧ୍ୟରେ ୧୩୧ ପ୍ରତିଶତ ସଂକ୍ରମଣ ବୃଦ୍ଧି ହୋଇଛି। ଉତ୍ତର ପ୍ରଦେଶରେ ଦୈନିକ ମାମଲାରେ ୧୯.୨୫ ପ୍ରତିଶତ ବୃଦ୍ଧି ହୋଇଛି। ଫଳସ୍ୱରୂପ ଉତ୍ତରପ୍ରଦେଶରେ ଥରେ ମାସ୍କ ନିୟମାବଳୀ ଉଲଙ୍ଘନ କଲେ ୧ହଜାର ଟଙ୍କା ଜୋରିମାନା ଓ ଦ୍ୱିତୀୟ ଥର ଉଲଙ୍ଘନ କଲେ ୧୦ହଜାର ଟଙ୍କା ଆଦାୟ କରାଯାଉଛି।

ଏହା ହେଉଛି କୋଭିଡ-୧୯ର ଚରିତ୍ର। ଏହା ଥରେ ଚାଲିଗଲା ପରେ ପୁଣିଥରେ ଲେଉଟୁଛି। ଭାରତ ସରକାର ଇତି ମଧ୍ୟରେ ଟୀକାର ସୁଷମ ବଣ୍ଟନପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ କୋଭିଡ ଯୋଦ୍ଧା, ବୟସ୍କ,ରୁଗ୍ଣ ଓ କରୋନା ଲଢେଇରେ ସାମିଲ ସମସ୍ତଙ୍କୁ ଏହା ପ୍ରଦାନ କରାଯିବ ପରେ ଅନ୍ୟ ସମସ୍ତଙ୍କୁ ଏହା ପ୍ରଦାନ କରାଯିବ। ତେଣୁ ଯେପର୍ଯ୍ୟନ୍ତ କୋଭିଡ ଟୀକାକରଣ ନହୋଇଛି ଖାମଖିଆଲି ହେବା ଆମ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ତେଣୁ ଏବେଠୁ ଆମକୁ ଆହୁରି ଅଧିକ ସର୍ତ୍ତକ ଓ ସଚେତନ ରହିବାକୁ ହେବ। କିନ୍ତୁ ଜନସାଧାରଣ ଯଦି ଅବହେଳା କରିବେ ତାହାଲେ ଜୀବନ ବିପନ୍ନ ହେବା ସୁନିଶ୍ଚିତ। ଏସବୁ ସତ୍ତ୍ୱେ କିଛି ଲୋକ କଥା କହିଲା ବେଳେ ପଟେଜ ଯୋଗାଉନାହାଁନ୍ତି। କେତେକ ଲୋକ ମୂଳରୁ ମାସ୍କ ନପିନ୍ଧି ଟେଲିଭିଜନ ପରଦାରେ ମୁହଁ ଦେଖାଉଛନ୍ତି। ଏପରିକି ସମ୍ବାଦ ପାଠ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା। ବିଜ୍ଞାପନ ମାନଙ୍କରେ ମଧ୍ୟ କେହି ମାସ୍କ ବ୍ୟବହାର କରୁନାହାନ୍ତି। ହୁଏତ କେତେକ କ୍ଷେତ୍ରରେ ସେଗୁଡ଼ିକର ଚିତ୍ର ପୁରୁଣା ହୋଇଥାଇପାରେ। ବିଶେଷକରି ଗାଁ ମାନଙ୍କରେ କରୋନା ସମ୍ବନ୍ଧୀୟ ସଚେତନତା ଅଭାବରୁ ଅଧିକାଂଶ ଲୋକ ମାସ୍କ ପିନ୍ଧୁ ନଥିବାର ଘଟଣା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ କରୋନା ମହାମାରୀ ମଧ୍ୟରେ ଉତ୍ତରାଖଣ୍ଡର ଧାର୍ମିକ ନଗରୀ ହରିଦ୍ୱାରରେ ମହାକୁମ୍ଭ ପାଇଁ ଅନୁମତି ଦିଆଯିବା ପରଠାରୁ ସେଠାରେ ସଂକ୍ରମଣ ସାଙ୍ଘାତିକ ରୂପ ନେଇଛି। ବିଭିନ୍ନ ଦିନରେ ଶାହିସ୍ନାନ ପାଇଁ ୨୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସମବେତ ହେବା ପରେ କରୋନା ବିସ୍ଫୋରକ ରୂପ ନେଇଛି। ମେଳା ଆରମ୍ଭ ହେବାର ୧୪ ଦିନ ଭିତରେ ଅଢେଇ ହଜାରରୁ ଅଧିକ ସନ୍ଥ ଓ ଶ୍ରଦ୍ଧାଳୁ ସଂକ୍ରମିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିବେଦନ ସତ୍ତ୍ୱେ ଅଧିକାଂଶ ଶ୍ରଦ୍ଧାଳୁ ଅବାଧରେ ବୁଡ ପକାଇଥିଲେ। ସେହିପରି ବିଭିନ୍ନ ରାଜ୍ୟରେ ହେଉଥିବା ନିର୍ବାଚନ ଓ ଉପନିର୍ବାଚନରେ ରାଜନୈତିକ ରାଲିରେ ହଜାର ହଜାର ଲୋକଙ୍କ ସମାବେଶ ମଧ୍ୟ ବିପଦକୁ ଡାକିଆଣୁଛି। ଆମ ଦେଶ ଓ ରାଜ୍ୟରେ କରୋନାର ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। ଟୀକାର ଅଭାବ ମଧ୍ୟ ଆଉ ଏକ ସମସ୍ୟା ରୂପେ ଉଭା ହୋଇଛି। ଏଭଳି ପରିସ୍ଥିତିରେ ମାସ୍କ ହିଁ ସମସ୍ତଙ୍କ ପାଇଁ ସୁରକ୍ଷା କବଚ, ଏହାକୁ ଆମକୁ ହୃଦୟଙ୍ଗମ କରିବାକୁ ହେବ। କାରଣ ‘ମାସ୍କ’ ହିଁ ଏହି ମହାମାରୀର ଶ୍ରେଷ୍ଠ ପ୍ରତିଷେଧକ ବୋଲି ‘ହୁ’ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଶକ୍ତି ଉପାସନା ପରମ୍ପରା

*“ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା/ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।”*

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି। ଶକ୍+ତି= ଶକ୍ତି ଅର୍ଥାତ୍ ‘ଶକ୍’ ଧାତୁରେ ‘କ୍ତିନ୍’ ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି। ‘ଶକ୍’ ଧାତୁ ସାମର୍ଥ ସୂଚକ ଓ ‘ତି’ ପରାକ୍ରମ ଅର୍ଥ ସୂଚକ। ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି। ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି। ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ। ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ। ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ। କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ। ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ। ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି। ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ। ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି। ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି। ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ। ଏପରିକି ବେଦରେ ଶକ୍ତି ମାହାତ୍ମ୍ୟ ପ୍ରଖ୍ୟାପନ ସକାଶେ ‘ଦେବୀସୂକ୍ତ’, ‘କାଳରାତ୍ରି ସୂକ୍ତ’ ଓ ‘ଶ୍ରୀସୂକ୍ତ’ ପ୍ରଭୃତି ଉପଲବ୍ଧ। ‘ଦେବୀସୂକ୍ତ’କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି। ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ। ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ। ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି। କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି। ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି। ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି। ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ। ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ। ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା। ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା। ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ/ ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ଯାହାର ସୂଚନା ଆଦିକବି ସାରଳା ଦାସଙ୍କ ‘ଶ୍ରୀଚଣ୍ଡୀ ପୁରାଣ’ରୁ ସୁସ୍ପଷ୍ଟ। ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ। ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ। ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ। ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ। ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ। ଦୁର୍ଗାଙ୍କ ‘ଦୁ’ ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ ‘ରେଫ୍’ ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ। ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ- ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି। ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ। ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ। ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।




ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି। ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ। ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି। ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ। ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ। ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ। ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି। ଏତଦ୍‌ଭିନ୍ନ ମା’ ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

# ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱଲାଭ ଅଭିଯୋଗର ତଦନ୍ତରେ ପୋଲିସର ଶିଥିଳତା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଲିପଙ୍କ ଗ୍ରାମର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଗୃହର ଜନୈକ ମହିଳା କର୍ମଚାରୀ ଦୀର୍ଘକାଳ ଧରି ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି । ସେ ସମ୍ପର୍କରେ ଥାନାରେ ହୋଇଥିବା ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସ୍ଥାନୀୟ ପୋଲିସ ଅବହେଳା କରିଛି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ପକ୍ଷରୁ ଅଧକ୍ଷା ମମତା ସାମନ୍ତରାୟ ଅଭିଯୋଗ କରିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଘଟଣାର ସନ୍ଧାନ ନିଆଯିବା ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଲୁଥେରାନ ମହିଳା ସମିତି ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରକଳ୍ପରେ ଶିଶୁ ଯତ୍ନ ସେବିକା ଭାବେ କାର୍ଯ୍ୟରତ ଜଣେ ମହିଳା ସଂସ୍ଥାର ସଭାପତିଙ୍କ ଭାଇଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଏକ ସନ୍ତାନର ମାତା ହୋଇଛନ୍ତି । ଗରିବୀ, ଅସହାୟତା କାରଣରୁ, ଅସଫଳ ପ୍ରତିବାଦ କାରଣରୁ, ଅନ୍ୟ ରାହା ନଥିବାରୁ ଏପରିକି ଭୟ ପ୍ରଦର୍ଶନ ବା ଦମନ କାରଣରୁ ବେଶ ବିଳମ୍ବରେ ତାଙ୍କ ଅସହାୟତା ସଂସ୍ଥାର ମହିଳା ସହକର୍ମୀ ଓ ସମ୍ପାଦିକାଙ୍କ ଆଗରେ ପ୍ରକାଶ କରିବାରୁ ଘଟଣାଟି ଲୋକଲୋଚନକୁ ଆସିଛି । ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣୀ କମିଟି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତିଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଥାନାରେ ଏତଲା ଦରଜ କରାଇଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସୂଚନା ଓ ନିର୍ଦ୍ଦେଶ ପରେ ପୋଲିସ ଓ ପ୍ରଶାସନ କିଛି କ୍ରିୟାନୁଷ୍ଠାନ ଆରମ୍ଭ କରିଛନ୍ତି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଅଧକ୍ଷା ସୁଶ୍ରୀ ସାମନ୍ତରାୟ କହିଛନ୍ତି । କିନ୍ତୁ ଏହାର ମନ୍ଥରତା ଓ ଏଯାବତ କାର୍ଯ୍ୟରୁ ଜଣାପଡେ ଯେ ମୂଳ ଅଭିଯୋଗ ଯାହା ଅତ୍ୟନ୍ତ ସଂଗୀନ ଯାହା ତତ୍କାଳ ପୋଲିସ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ ତାହା ନହୋଇ ଅନ୍ୟ ଏକ ପରବର୍ତ୍ତୀ ତଥ୍ୟ ଗୌଣ ଅଭିଯୋଗକୁ ନେଇ ପୋଲିସ ତତ୍ପରତା ଦେଖାଉଛି । ଅସହାୟ ମହିଳାଙ୍କୁ ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱ ଦେଇଥିବା ବ୍ୟକ୍ତିଙ୍କ ନାମ ଏତଲାରେ ଥାଇସୁଦ୍ଧା ସେହି ଅଭିଯୁକ୍ତଙ୍କୁ ଧରିବାରେ ଏବଂ ଅଦାଲତ ପ୍ରକ୍ରିୟା ଆରମ୍ଭ କରିବାରେ ପୋଲିସ କୁଣ୍ଠାବୋଧ କରୁଥିବା ସାଧାରଣରେ ଅନୁମାନଯୋଗ୍ୟ ହୋଇପଡିଥିବା ସୁଶ୍ରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି । ପୀଡିତା ବିଚାରପତିଙ୍କ ସମ୍ମୁଖରେ ବୟାନ ଦେବା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଏଡାଇ ଚାଲିଛି ବୋଲି ସେ କହିଛନ୍ତି। ସୁଶ୍ରୀ ସାମନ୍ତରାୟ କହିଛନ୍ତି ଯେ ନ୍ୟାୟ ପ୍ରକ୍ରିୟା ସହ ଜଡିତ କେତେକ ଆଇନଜ୍ଞ ଓ ସମାଜସେବୀଙ୍କ ମତ ଅନୁଯାୟୀ ପ୍ରଥମ ଅଭିଯୋଗ ଉପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପରେ ଏହାସହ ସମ୍ବନ୍ଧିତ ଅନ୍ୟ ଅଭିଯୋଗ ଯାହା ପରବର୍ତ୍ତି ସମୟରେ କରାଯାଇଛି ତା’ଉପରେ ଅନୁଧ୍ୟାନ କରାଯାଇଥିଲେ ଠିକ ହୋଇଥାନ୍ତା । ଜଣେ ଅସହାୟା ମହିଳା କର୍ମଚାରୀଙ୍କ ପ୍ରଥମ ଅଭିଯୋଗକୁ ପ୍ରାଥମିକତା ଓ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ । ଉଚିତ ନ୍ୟାୟ ବିଚାର କରାଯାଉ, ସତ୍ୟ ପଦାକୁ ଆସୁ ଏବଂ ସର୍ବୋପରି ନାରୀ ଓ ଶିଶୁ ଅଧିକାର ଯଥା ମର୍ଯ୍ୟାଦାର ସହ ସମ୍ପାଦିତ ହେଉ, ସନ୍ତାନ ପିତୃତ୍ୱର ପରିଚୟ,ନାରୀଟିର ମର୍ଯ୍ୟାଦା ଓ ସ୍ୱାତ୍ୱ ଏବଂ ଶିଶୁଟିକୁ ଏକ ପରିବାର ମିଳୁ ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଅଧକ୍ଷା ସୁଶ୍ରୀ ସାମନ୍ତରାୟ ଆଶାବ୍ୟକ୍ତ କରିଛନ୍ତି।

# ସାମାଜିକ ସମରସତା ମଂଚ ପକ୍ଷରୁ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା



ଖଣ୍ଡଗିରି (ପିଏନ୍): ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଖଣ୍ଡଗିରି ଅଂଚଳରେ ନିୟୋଜିତ ୨୮ ଜଣ ବିଏମ୍‌ସିର ସଫେଇ କର୍ମଚାରୀ ତଥା ନିରୀକ୍ଷକମାନଙ୍କୁ ସାମାଜିକ ସମରସତା ମଂଚ, କଳିଙ୍ଗନଗର ତରଫରୁ ସମ୍ମାନିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ବିଏମ୍‌ସିର ଖଣ୍ଡଗିରି ପ୍ରୋଜେକ୍ଟ ପ୍ରମୁଖ ରଞ୍ଜନ କୁମାର ଘଡାଇ ଓ ଭୁବନେଶ୍ୱର ମହାନଗର ସାମାଜିକ ସମରସତା ପ୍ରମୁଖ ରାଜେଶ କୁମାର ରାୟ ଡାଃ ବି ଆର ଆମ୍ବେଦକରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ବିଏମ୍‌ସିର ନିରୀକ୍ଷକଙ୍କ ସମେତ ସମସ୍ତ ସଫେଇ କର୍ମଚାରୀ ଓ କଳିଙ୍ଗ ନଗର ସାମାଜିକ ସମରସତା ମଂଚର କାର୍ଯ୍ୟକର୍ତାମାନେ ମଧ୍ୟ ମାଲ୍ୟାର୍ପଣ କରିଥିଲେ । ଖଣ୍ଡଗିରି ଅଂଚଳର ଦାୟିତ୍ୱରେ ଥିବା ସମସ୍ତ ସଫେଇ କର୍ମଚାରୀମାନଙ୍କୁ ଶ୍ରୀଫଳ, ଉତରୀୟ ଓ ସମ୍ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଗତ ଦିନର କରୋନା ମହାମାରୀରେ ସାରା ସମାଜ ଭୀତତ୍ରସ୍ତ ହୋଇ ଘରେ ରହୁଥିବା ସମୟରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଭଉଣୀ ଭାଇମାନଙ୍କର ସେବାକାର୍ଯ୍ୟ ଯେ ସମାଜ ଦ୍ୱାରା କିପରି ପ୍ରଶସଂନୀୟ ତଥା ସମ୍ମାନିତ ତାହାର ଏକ ବାର୍ତା ଦେବାକୁ ଯାଇ କଳିଙ୍ଗନଗର ସମରସତା ମଂଚ ତରଫରୁ ଏ ପ୍ରକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମରସତାର କାର୍ଯ୍ୟକର୍ତାଙ୍କ ମଧ୍ୟରେ ଆନନ୍ଦ ଚରଣ ସାହୁ, ରମେଶ ଜେନା, ଅମରେନ୍ଦ୍ର ସାହୁ, ଇଦେଶ୍ୱର ଭୂୟାଁ, ସୁବ୍ରତ କୁମାର ତ୍ରିପାଠୀ, ଜୟକୃଷ୍ଣ ପୃଷ୍ଟି, ବାସୁଦେବ ଓଝା, ସାନୁଜା ମେଘମାଳା ଓ ଆରତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଯୁକ୍ତ ଅଧିକାରୀଙ୍କୁ ଏକାଧିକ ଦାୟିତ୍ୱ ଦେଇ ବିବାଦରେ ଜିଲ୍ଲା ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଲିପଙ୍କର ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ କରିବା ପରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନ ଲୁଥେରାନର ସଭାପତି ଓ ସିସିଆଇର ଅଧିକ୍ଷକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ଏବଂ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିସ୍ଥଳେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ସେହି ଘଟଣାର ଜଣେ ଅଭିଯୁକ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିବା ଘଟଣା ସାଧାରଣରେ ଆଲୋଚ୍ୟ ବିଷୟ ପାଲିଟିଛି । ଲୁଥେରାନର ଯୌନକିଳେଙ୍କାରୀ ଭଳି ଏକ ସଂଗୀନ ଘଟଣାରେ ସଂପୃକ୍ତ ଅଧିକାରୀ ଜଣଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଅଭିଯୁକ୍ତ ଅଧିକାରୀଙ୍କୁ ଏକାଧିକ ଗୁରୁ ଦାୟୀତ୍ୱ ପ୍ରଦାନ କରାଯିବା ଜିଲ୍ଲା ପ୍ରଶାସନକୁ ବିବାଦ ଘେରକୁ ଟାଣି ଆଣିଛି। ଅନ୍ୟ ପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳଙ୍କ ଦ୍ୱାରା ଲୁଥେରାନ ସିସିଆଇର ବିରୋଧରେ ହୋଇଥିବା ବିଭିନ୍ନ ଅଭିଯୋଗର ତଦନ୍ତ କରିବା ପାଇଁ ଗଠିତ କମିଟିରେ ସଂପୃକ୍ତ ଅଧିକାରୀଙ୍କୁ ରଖାଯାଇ ସେହି କମିଟିଠାରୁ ତଦନ୍ତ ରିପୋର୍ଟ ଗ୍ରହଣ କରିବା ଅର୍ଥ ତଦନ୍ତକୁ ବାଟବଣା କରିବା ଛଡା ଆଉକିଛି ନୁହେଁ । ଜଣେ ଅଭିଯୁକ୍ତ ଅଧିକାରୀ ନିଜେ ଅଭିଯୁକ୍ତ ଥିବା ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସରକାରୀ ନୀତି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ଓ ଆଇନ କାନୁନକୁ ଆଖିଠାର ଛଡା ଆଉକିଛି ନୁହେଁ। ଏଭଳି ଘଟଣା ଦ୍ୱାରା ଜିଲ୍ଲା ପ୍ରଶାସନ ଆପଣା ଛାଏଁ ବିବାଦ ଘେରକୁ ଟାଣି ହୋଇଆସିଥିବା ଦେଖାଯାଇଛି । ଜଣେ ଅଭିଯୁକ୍ତ ଅଧିକାରୀଙ୍କ ଦ୍ୱାରା ନୀରପେକ୍ଷ ତଦନ୍ତ କେଉଁଭେବି ସମ୍ଭବ ନୁହେଁ । ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ଏକ ଜଘନ୍ୟ ଘଟଣାକୁ ଚପାଇଦେବା ଓ ଅଭିଯୁକ୍ତମାନଙ୍କୁ ଘଷ୍ଟଘୋଡାଇବାକୁ ପ୍ରୟାସ କରୁଥିବା ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ତୁରନ୍ତ ସଂପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୧୦

# ଶ୍ରାଦ୍ଧ:ଜୀବନ ପାଇଁ ଯଜ୍ଞ

**ହେମନ୍ତ କୁମାର ପରିଡ଼ା**

ଶ୍ରାଦ୍ଧର ଅର୍ଥ କେବଳ ଶ୍ରଦ୍ଧା ନୁହେଁ, ବିଶ୍ୱାସ ମଧ୍ୟ । ଏହି ଶ୍ରଦ୍ଧା ଏବଂ ବିଶ୍ୱାସ ପ୍ରକୃତି, ପରିବେଶ ଏବଂ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ହୋଇପାରେ । ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ । ଏହି ଦର୍ଶନ ହେଉଛି - ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟର । କିନ୍ତୁ ସମସ୍ତେ ସୁଖୀ ସେତେବେଳେ ହେବେ, ଯେତେବେଳେ ଆମେ ଶ୍ରଦ୍ଧାକୁ ଜୀବନର ଯଜ୍ଞ ଭାବରେ ଗ୍ରହଣ କରିନେବା । ଏଥିପାଇଁ ପୂର୍ବ ପୁରୁଷଙ୍କ ଭାବନାକୁ ମଧ୍ୟ ସମ୍ମାନ କରିବା ଜରୁରୀ । ପିତୃପକ୍ଷ ଏପରି ଏକ ପର୍ବ ଯାହା ଆମର ସଂରକ୍ଷଣ କରୁଥିବା ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧାଭାବ ସୃଷ୍ଟି କରେ । କିନ୍ତୁ ପରମ୍ପରା କ୍ରମଶଃ ସଙ୍କୁଚିତ ହେବା ଯୋଗୁଁ ଆମେ ଧରି ନେଇଛୁ କେବଳ ପୂର୍ବଜମାନେ ହିଁ ଶ୍ରଦ୍ଧାର ପାତ୍ର । ଶ୍ରଦ୍ଧା ଶବ୍ଦ ସଂସାର ପରି ବ୍ୟାପକ । ଯଦି ସଂସାର ପ୍ରତି ଶ୍ରଦ୍ଧା ନରହେ, ତାହେଲେ ଜୀବନ ପ୍ରତି କେମିତି ରହିବ । କିନ୍ତୁ ପିତୃପକ୍ଷରେ ଦହିରେ ବୁଡ଼ାଇ ପୁରି ସର୍ବ ପ୍ରଥମେ କାଉ ଉଦ୍ଦେଶ୍ୟରେ ଦିଆଯାଏ । କାଉ ଏବଂ ଅଶ୍ୱତ୍ଥ ଗଛ ପିତୃପୁରୁଷଙ୍କ ପ୍ରତିକ । ପିତୃପକ୍ଷର ୧୬ ଦିନରେ କାଉକୁ ଖାଦ୍ୟ ଏବଂ ଆଶ୍ୱତ୍ଥ ଗଛରେ ଜଳ ପ୍ରଦାନ କରାଯାଇ ପିତୃପୁରୁଷଙ୍କୁ ତୃପ୍ତ କରାଯାଏ । ଶ୍ରାଦ୍ଧ ପିତୃପୁରୁଷଙ୍କ ପ୍ରତି ଆମ ଶ୍ରଦ୍ଧାର ପ୍ରତୀକ । ଯଦି ଆମେ ପରଲୋକରେ ଥିବା ପୂର୍ବଜମାନଙ୍କ ପ୍ରତି ଏତେ ଶ୍ରଦ୍ଧା ବ୍ୟକ୍ତ କରୁଛୁ, ତାହେଲେ ଜୀବିତ ବୟସ୍କ ପିତାମାତା, ଜେଜେବାପା - ଜେଜେମାଆ, ଅଜା-ଆଇ ଆଦି ଆହୁରି ଅଧିକ ଶ୍ରଦ୍ଧାର ପାତ୍ର । ଜୀବିତା ଅବସ୍ଥାରେ ସେମାନେ ଆମର ଶ୍ରଦ୍ଧାର ଅଭାବରେ ଯନ୍ତ୍ରଣା ପାଇବା ଏବଂ ମୃତ୍ୟୁପରେ ସେମାନଙ୍କ ପାଇଁ ଶ୍ରାଦ୍ଧ ଅର୍ପଣ କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ ଶ୍ରଦ୍ଧା ସବୁ ବୟସ୍କ ପ୍ରତି ରହିବା ଆବଶ୍ୟକ ସେ ଜୀବିତ ହୁଅନ୍ତୁ ବା ମୃତ ।

ସାଧାରଣତଃ ଲୋକେ ଭାବନ୍ତି, ଆମେ ଜୀବନରେ କାହାର କ୍ଷତି କରିନୁ ତେଣୁ ଆମର କ୍ଷତି କାହିଁକି ହେଉଛି ? ଗ୍ରହମାନଙ୍କ ପ୍ରଭାବ ଅନୁକୂଳ, ରାଜଯୋଗ ରହିଛି, ତଥାପି ବ୍ୟକ୍ତି ଅଭିଶପ୍ତ ଜୀବନ କାହିଁକି ଜୀଉଁଛି । ପ୍ରକୃତରେ କେବେକେବେ ପୂର୍ବଜଙ୍କ କର୍ମଦୋଷ ବ୍ୟକ୍ତି ପାଇଁ ଅଭିଶାପ ହୋଇଯାଏ । ଆଉ କେତେକ ସ୍ଥାନରେ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ପୂର୍ବଜଙ୍କୁ କଷ୍ଟ ଦେଇ ଅଭିଶପ୍ତ ଜୀବନ ପାଇଁ ରାସ୍ତା ଖୋଲିଦିଏ । ଏହାକୁ ପିତୃଦୋଷ କୁହାଯାଏ । ତାହେଲେ ଆସନ୍ତୁ ଜାଣିବା ପିତୃଦୋଷ କେମକିତି ଦୂର ହେବ । ଚନ୍ଦ୍ରମା ପୃଥିବୀକୁ ୨୭ଦିନ ୭ ଘଣ୍ଟା ୪୫ ମିନିଟ୍‌ରେ ପରିକ୍ରମା କରନ୍ତି । ଉଲ୍ଲେଖନୀୟ ଯେ ଚନ୍ଦ୍ରମାର ଗୋଟିଏ ଅଂଶ ପୃଥିବୀ ଆଡ଼କୁ ରୁହେ, ଅନ୍ୟ ଅଂଶ ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ । ଚନ୍ଦ୍ରମାର ଏହି ଅଦୃଶ୍ୟ ଅନ୍ଧକାରମୟ ଅଂଶ ଯାହା ପୃଥିବୀ ଆଡ଼କୁ କେବେବି ଆସେ ନାହିଁ ତାହାକୁ ପିତୃଲୋକ କୁହାଯାଏ । ଚନ୍ଦ୍ରମାର ଭୌଗୋଳିକ ଏବଂ ଖଗୋଳୀୟ ସ୍ଥିତି ଆଧାରରେ ଏଠାରେ ଗୋଯିଏ ମାସ ଦିନ ଓ ରାତି ହୁଏ । ଏହାକୁ ଅହୋରାତ୍ର କୁହାଯାଏ । ଶାସ୍ତ୍ର ଅନୁଯାୟୀ ପୃଥିବୀରେ ଅମାବାସ୍ୟା ସମୟରେ ପିତୃଲୋକରେ ମଧ୍ୟାହ୍ନ ହୁଏ, ଏହା ପୂର୍ବଜଙ୍କ ଭୋଜନର ସମୟ । ଜନ୍ମ କୁଣ୍ଡଳୀରେ ଗ୍ରହସ୍ଥିତି ଆଧାରରେ ପିତୃଋଣ ବା ପିତୃଦୋଷ ସଂପର୍କରେ ଜଣାପଡ଼େ । ଭାରତୀୟ ଜ୍ୟୋତିଷ ବିଜ୍ଞାନରେ ସୂର୍ଯ୍ୟ ପିତୃକାରଣ ଏବଂ ଚନ୍ଦ୍ର ମାତୃକାରକ ଗ୍ରହ ଭାବରେ ସ୍ୱୀକୃତ । ପିତୃଦୋଷର ମୁଖ୍ୟ କାରକ ଏହି ଉଭୟ ଗ୍ରହ । ଏମାନେ ରାଶିଚକ୍ରରେ ରାହୁ ସହିତ ଥିଲେ କିମ୍ବା ରାହୁ ସହ ସୁସଂପର୍କ ଥିଲେ ପିତୃଦୋଷ ବ୍ୟକ୍ତ କରେ । ସୂର୍ଯ୍ୟ ଓ ଶନି ଉପରେ ରାହୁର କୁ-ପ୍ରଭାବ ବ୍ୟକ୍ତିକୁ ଭୀଷଣ କଷ୍ଟ ଏବଂ କାର୍ଯ୍ୟରେ ଅବରୋଧର ସାମ୍ନା କରାଏ । ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନିଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚତୁର୍ମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ । ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହାନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ବିଚାର କରାଯାଏ ପିତୃପକ୍ଷରେ ନିଜ ପୂର୍ବଜଙ୍କ ସ୍ମରଣ କରାଯାଉଥିବାରୁ ତେଣୁ ଦୁଖାବିବୃତ୍ତ ମୁହୂର୍ତ୍ତ ଓ ତାଙ୍କ ଅନୁପସ୍ଥିତି ପାଇଁ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ । ଆଉ ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ ।

*ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,*
*ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୮୭୬୩୧୦୭୧୨୬*

# କଟକ ଦଶହରାକୁ ମାନ୍ୟତା କେବେ ?



ସତ୍ୟ ମହାପାତ୍ର

୩୨ଟି ସଂପୂର୍ଣ୍ଣ ଚାନ୍ଦି ମେଢ଼, ୧୦ଟି ମେଢ଼ରେ ସୁନାର ସାଜସଜ୍ଜା, ଗୋଟିଏ ସଂପୂର୍ଣ୍ଣ କାଚ ଓ ଗୋଟିଏ ସଂପୂର୍ଣ୍ଣ ପିତଳ ମେଢ଼। ନିଆରା ପରମ୍ପରା ଓ ଆଉ ସ୍ୱତନ୍ତ୍ର ସାଜସଜ୍ଜାକୁ ନେଇ ସାରା ବିଶ୍ୱରେ ଅନନ୍ୟ କଟକର ଗଣପର୍ବ ଦଶହରା ଆରମ୍ଭ ହୋଇଛି। କଟକ ଦଶହରା ଇତିହାସ ଅନୁଯାୟୀ ପାରମ୍ପରିକ କରି ମେଢ଼ରୁ ଦୂରେଇ ଯାଇ ପ୍ରଥମେ ୧୯୫୬ ମସିହାରେ ଚୌଧୁରୀ ବଜାର ପୂଜା କମିଟି ପ୍ରଥମ ଚାନ୍ଦି ମେଢ଼ ତିଆରି କରିଥିଲେ। ତା ପରକୁ ୧୯୯୧ରେ ଦ୍ୱିତୀୟ ଚାନ୍ଦିମେଢ଼ ପ୍ରସ୍ତୁତ ହେଇଥିଲା ଶେଖ ବଜାରରେ। କଟକ ଦଶହରା ପ୍ରାୟ ୫ଶହ ବର୍ଷର ପୂଜା ପରମ୍ପରାର ପ୍ରତୀକ। ଏହାର ଅନେକ ପ୍ରମାଣ ବହନ କରୁଛି ଐତିହ୍ୟସଂପନ୍ନ କଟକ ଦଶହରା। ଉଭୟ ଉତ୍କଳୀୟ ଓ ବଙ୍ଗୀୟ ପରମ୍ପରାରେ ପାଳିତ ହେଉଥିବା କଟକ ଦଶହରା ପୂର୍ବ ଭାରତର ଅନ୍ୟତମ ଆକର୍ଷଣୀୟ ଉତ୍ସବ। କଟକ ପ୍ରସିଦ୍ଧ ତାରକସିର ନିଖୁଣ କାରିଗରୀ ଓ ସୁନା ଗହଣାର ଚମକରେ ଝଲକେ ପୂଜା ମଣ୍ଡପ ସବୁ। ଯେଉଁଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ କଟକ ଦଶହରା ବୁଲି ଦେଖନ୍ତି। ଲୋକପ୍ରିୟତା କାରଣରୁ କଟକ ଦଶହରାର ସ୍ୱତନ୍ତ୍ରତା ବହନ କରୁଥିବା ଚାନ୍ଦି ମେଢ଼ ସଂଖ୍ୟା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ କଟକ ଦଶହରାକୁ ହେରିଟେଜ ବା ଐତିହ୍ୟ ମାନ୍ୟତା କାହିଁକି ମିଳିବନାହିଁ। ତାହା ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। କୋଲକାତା ଦୁର୍ଗାପୂଜାକୁ ଗତ ୨୦୨୧ ଡିସେମ୍ବର ମାସରୁ ୟୁନେସ୍କୋ ତରଫରୁ ହେରିଟେଜ ମାନ୍ୟତା ମିଳିସାରିଛି। ଏ ନେଇ ଆଜି କୋଲକାତା ସହରରେ ଏକ ବିଶାଳ ରାଲି ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଦେଖିବା ପରେ କଟକ ଦଶହରାକୁ କାହିଁକି ଐତିହ୍ୟ ମାନ୍ୟତା ମିଳିବ ନାହିଁ ବୋଲି ଅନେକ ପ୍ରଶ୍ନ କରିଛନ୍ତି। କଟକ ଦଶହରା ମଧ୍ୟ ଐତିହ୍ୟ ମାନ୍ୟତା ଅନ୍ୟତମ ପ୍ରମୁଖ ଦାବିଦାର ବୋଲି କୁହାଯାଇପାରେ। ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ କଟକ ଦଶହରାର ଇତିହାସ ବେଶ ସମୃଦ୍ଧ। କୁହାଯାଏ ଷୋଡଶ ଶତାବ୍ଦୀରୁ କଟକରେ ଦୁର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଆସିଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଶ୍ରୀଚୈତନ୍ୟ ଦେବ ଓଡ଼ିଶା ଆସିଥିଲେ। ଏହି ଅବସରରେ ଚୈତନ୍ୟ ଦେବଙ୍କ ପୌରହିତ୍ୟରେ ପ୍ରଥମଥର ପାଇଁ ଘଟ ସ୍ଥାପନ ସହ ଦେବୀ ଉପାସନା କରାଯାଇଥିଲା। ୧୮୯୦ ମସିହାରେ କଟକରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା ବୋଲି କୁହାଯାଉଛି। ଏବେ କଟକରେ ପ୍ରାୟ ୧୬୦ରୁ ଅଧିକ ମଣ୍ଡପରେ ଜଗତଜନନୀଙ୍କୁ ପୂଜା କରାଯାଉଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଅଧିକ ବର୍ଷ ତଳେ କଟକରେ ଚାନ୍ଦିମେଢ଼ ପରମ୍ପରା ଆରମ୍ଭ ହୋଇଥିଲା। ୧୯୫୬ ମସିହାରେ ଚୌଧୁରୀ ବଜାର ପୂଜା ମଣ୍ଡପରେ ପ୍ରଥମଥର ପାଇଁ ଚାନ୍ଦିମେଢ଼ ଶୋଭା ପାଇଥିଲା। ପ୍ରାୟ ୫୦ କେଜି ଓଜନରେ ସେତେବେଳେ ନିର୍ମିତ ଚୌଧୁରୀ ବଜାର ମେଢ଼କୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଥିଲା। ଏବେ ସୁଦ୍ଧା ଚାନ୍ଦି ମେଢ଼ ସଂଖ୍ୟାରେ ୨୮ରେ ପହଞ୍ଚିଛି। ସେହିପରି ସୁନା ମୁକୁଟ ଓ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଟକ ଦଶହରା କାରଣରୁ କୋଟି କୋଟି ଟଙ୍କାର ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ହୋଇଥାଏ। ତେଣୁ ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ କଟକ ଦଶହରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଐତିହାସିକ ଗୁରୁତ୍ୱ, ସ୍ୱତନ୍ତ୍ରତା ଓ ଲୋକପ୍ରିୟତା କାରଣରୁ କଟକ ଦୁର୍ଗାପୂଜାକୁ ଐତିହ୍ୟ ମାନ୍ୟତା ଦେବାରେ ବିଶେଷ କିଛି ଅସୁବିଧା ହେବନାହିଁ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ପ୍ରଶାସନିକ ତଥା ସରକାରୀ ସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ। ଦଶହରା ଐତିହ୍ୟରୁ ପ୍ରମାଣ କରିବା ଭଳି ଦସ୍ତାବିଜ ଉପସ୍ଥାପନା କରି ଆବେଦନ କରିବା ଜରୁରୀ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ମୋର ପଥପ୍ରଦର୍ଶକ

ଅନ୍ଧ ଭାବରେ ପଥ ଚାଲି ହୁଏ ନାହିଁ କି ଖାଲି ଗୁଡ଼ାଏ ପଖଡ଼ି ଗଲେ କେହି କୌଣସି ନିର୍ଦ୍ଦିଷ୍ଟ ଗୋଲରେ ପହଞ୍ଚିପାରେ ନାହିଁ। କେବଳ ବହୁ ସ୍ଥାନ ଭ୍ରମଣ କରିଥିଲେ ଭ୍ରମଣର ମୂଳ ଉଦ୍ଦେଶ୍ୟ କଣ ନଜାଣିଲେ ସମୟ ବୃଥା ବେକାରକୁ ଦେହ ଅର୍ଥ ବି ଦେଶରେ ଚାଲିଯାଏ। କାଉ ଧାନ ଖାଉଛି ବୋଲି ବଗ ଧାନ ଖାଇବ ଏ ପଥ ବି ନିଷ୍ଫଳ। ଅତଏବ ପ୍ରଥମେ କଣ କଲେ ସମୟର ମୂଲ୍ୟ ଶ୍ରମର ମୂଲ୍ୟ ବିଦ୍ୟା ପ୍ରୟୋଗର ମୂଲ୍ୟ ମୂଲ୍ୟାୟନର ବହୁ ସାର୍ଥକ ହୋଇପାରିବ ଏ ସମସ୍ତଙ୍କ ପାଇଁ ସାଧାରଣ ଚିନ୍ତନର ପଥ।

କେତେ ପ୍ରଶ୍ନବାଚୀ ଜୀବନରେ ଉଦୟ ହୁଏ ହେଲେ ଏ ପ୍ରଶ୍ନ ଗୁଡ଼ିକ ସମାଧାନ ସହଜରେ କେବେ ହୋଇନପାରେ ପୁଣି ଏସବୁ ପ୍ରଶ୍ନର ଜଡ଼ ଗୋଟିଏ ଧାଡ଼ିରେ ମାର୍ଗଦର୍ଶକଙ୍କ ଠାରେ ହିଁ ନିହିତ ରହିଥାଏ। ମୋର ମାର୍ଗଦର୍ଶକ ଅନେକ ଅଛନ୍ତି, ଯେଉଁ ମହାନଙ୍କ କଥା ମୁଁ ଏଥିରେ ଲେଖୁଛି ସେ ଥିଲେ ମୋର ଏକ ଭ୍ରଷ୍ଟ ସମୟର ଏକ ବିଶେଷ ବତୀଘର। ମୁଁ ବହୁ ବିଦ୍ୟାରେ ଶିକ୍ଷା ଲାଭ କରିଛି, ହେଲେ ମୁଁ କଣ କଲେ ଯେ ଏଥିରେ ଜୀବିକା ଚଳାଇ ସମାଜରେ ବଞ୍ଚି ପାରିବି ? ଏଇ ସ୍ତରରେ କୌଣସି ସମାଧାନ କରିପାରୁ ନଥିଲି, ହେଲେ ମୋର ବାଲ୍ୟବଳ ବନ୍ଧୁ ଶିକ୍ଷକ ଗୁରୁ ଗୁରୁଜନଙ୍କ ପାଖକୁ ଯିବାକୁ ମୋର ବହୁ ଆଗ୍ରହ ସର୍ବଦା ରହି ଆସିଛି।

ପାଖରେ ପଇସା ନଥାଏ। ଆମର ବଡ଼ ପରିବାର ମୋର ବାପା ସାନବାପାଙ୍କ ଉପରେ ଘର ଚଳାଇବାର ଭାର କିଛି ଜମି ଥିଲା ତାହା ଏକ ସେଟଲମେଣ୍ଟ ତତ୍କାଳ ସମୟରେ ଅସିଲା ବ୍ରିଟିଶ ଜମିଦାରୀ ପ୍ରଶାସନ ବେଳକୁ ବଂଶାନୁକ୍ରମିକ ଦଖଲ ଜମି ହଠାତ୍ ସେଟଲ ମେଣ୍ଟରେ ଜମିଦାରଙ୍କ ବେନାମୀ ସମ୍ପତ୍ତି ମୋର ଜେଜେ ନାମରେ ଦରଜ କରାଯାଇଥିଲା। କାଗଜ ତର୍ଜମାରେ ଜମିଦାରଙ୍କ ନାମରେ ତାଙ୍କର ନିଜ ଚାଷ ଜମି କରାଯିବାରୁ ଅନ୍ତତଃ ୬୦-୬୫ ବର୍ଷ ପରେ ଜମିଟି ପ୍ରଜା ନାମ କଟି ଜମିଦାର ନାମକୁ ଜମିରେ ଦରଜ କରାଗଲା। ଆମର ଜେଜେଙ୍କ ନାମ ଖାରଜ ହେଲା ଦାବୀ ଚାଲିଗଲା। ସେତେବେଳେ ଖଜଣା ଜମିଦାର ନେଇ ପାଉତି ଦେଉଥିଲେ। ସେ ପୁରୁଣା ପାଉତି ଗୁଡ଼ିକୁ ସେଟଲମେଣ୍ଟ ଅଫିସର ନଜରକୁ ନେଲେ ନାହିଁ। ଏହାପରେ ଘରେ ଅନ୍ନ ଅଭାବ ହେଲା, ବାପା ସାନା ବାପାଙ୍କୁ କଠିନ ଶ୍ରମ ଓ ମୂଲ୍ୟ ଲାଗିବାକୁ ବାଧ କଲା ମୁଁ ଆଉ ମୋର ତଳେ ସାନଭାଇ ଭଉଣୀ ମିଶି ଚାରି ଜଣ କୌଣସି ପ୍ରକାରରେ ଭାତଲୁଣ ପିଆଜ ଖାଇ ବଞ୍ଚିବାକୁ ହୋଇଥିଲା। ମୋ ଉପରେ ଭରସା କରି ବାପା ସାନାବାପା ଏକାଡ଼େମିକ ଶିକ୍ଷାପରେ ଟେକନିକାଲ ଶିକ୍ଷା ପାଇଁ ମୋତେ କଲିକତା ପଠାଇଥିଲେ। ଯୁଆଡ଼େ ଯାତ୍ରା ପଇସା ଆଗ ଚାଲିଲେ ମନୁଷ୍ୟ ପଛରେ ଚାଲେ, ମୋର ଆଗଚଲା ସ୍ତରଟି ବଡ଼ ଦୁର୍ବଳ ଯୋଗୁଁ ଉଚ୍ଚତର ଟେକନିକାଲ ବିଦ୍ୟାର୍ଜନ ଗୁରୁତର ବାଧାପ୍ରାପ୍ତ ହେଉଥିଲା।

ଏକ ଶିଳ୍ପ ତାଲିମ ସଂସ୍ଥାରେ ଯୋଗ କଲି



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏଠାରୁ ବହୁ ସମୟ ବଳୁଥିଲା। ଏ ପାଇଁ ଘରୋଇ ଭାବରେ କେତେ ସଂସ୍ଥା କଲିକତାରେ ଖୋଲାଥାଏ। ସେଠାରେ ହାତ କଲମରେ ରେଡ଼ିଓ ଟିଭି ମେକାନିକ ଷ୍ଟୋରେଜ ବ୍ୟାଟ୍ରୀ ରିପ୍ୟାରିଂ, ଓ୍ୱେଲଡିଂ ପ୍ରଭୃତି ଶିକ୍ଷା କଲି। ଟେକନିକାଲ ପାଠ ଶେଷପରେ କମ୍ପାନୀ ମୃତୟନରେ ବହୁ ପ୍ରତିବନ୍ଧକ ପାଇ ମୋର ବାପା ମାଆ ଗ୍ରାମଭୂଇଁ ଫେରି ଆସି ଏକ ଟ୍ରନଜିଷ୍ଟର ରିପ୍ୟାରିଂ ଦୋକାନ କରିଲି ଗୁଜୁରାଣ ମେଣ୍ଟିବା କିଛି ପରିମାଣରେ ହେଲା। ମାତ୍ର ଏହାବି ଚିରନ୍ତନ ବୋଧ ହେଲାନାହିଁ। ଏ ସମୟରେ ମୁଁ ମୋର ଏହି ବିଜ୍ଞାନ ଗଣିତ ଶିକ୍ଷକଙ୍କର ଖୋଲିଥିବା ହୋମିଓ ପ୍ୟାଥିକ ଚିକିତ୍ସାଳୟକୁ ସନ୍ଧ୍ୟା ସମୟରେ ପ୍ରାୟ ୪ କିମି ପ୍ରତ୍ୟହ ଯାଉଥିଲି। ସାରଙ୍କ ସ୍ନେହ ମମତା ମୋତେ ତାଙ୍କ ପାଖକୁ ନିଜେ ଟାଣୁଥାଏ। ବହୁଥର ବହୁ ରାତ୍ରୀ ଯାଏ ମୁଁ ତାଙ୍କ ପାଖରେ କଟାଇଛି। ମୋତେ ଥରେ କହିଲେ, ତମେ ମନ ସ୍ଥିର କର ଏକ ବୃତ୍ତିରେ ମନଲଗାଅ। ମୋର ଜ୍ୟୋତିଷିକ ତଥ୍ୟ ତର୍ଜମାରେ ସେ ବି ଆକୃଷ୍ଟ ହୋଇଥିଲେ। ଦିନେ ଦିନେ ଏ ଆଲୋଚନାରେ ଅନେକ ବାହାର ଲୋକ ଆସୁଥିଲେ। ହଠାତ୍ ସାର ଦିନେ କହିଲେ ଅଜୟ ତୁମେ ଏଇ ଜ୍ୟୋତିଷଶାସ୍ତ୍ରରେ ବୃତ୍ତି ଚାଲୁରଖ ତମେ କୂଳକିନାରା ପାଇ ପ୍ରତିଷ୍ଠା ପାଇଯିବ। ଏହାପରେ ସତ୍ୟସାଇ ବାବାଙ୍କ ପୁଟପର୍ତ୍ତୀ ଆଶ୍ରମ ଯାଇଛି ଏଇ ଜ୍ୟୋତିଷଶାସ୍ତ୍ରରେ ସତ୍ୟବାନ ହୋଇ ବୃତ୍ତି କରିବାକୁ ସେ ପ୍ରେରଣା ଦେଇଥିଲେ। ଏହାପରେ ପ୍ରକୃତରେ ଏଇ ବୃତ୍ତି ହିଁ ମୋତେ ତିରିଶ ବର୍ଷରୁ ଏବେ ସତାଅଶୀ ବର୍ଷ ହେଲାଣି କରିଚାଲିଛି। ସାର ମୋ କଟକ ଚାମ୍ବରକୁ ନିୟତି କାର୍ଯ୍ୟାଳୟକୁ କେତେଥର ଆସିଥିଲେ ମୋର କାର୍ଯ୍ୟ ଦକ୍ଷତା ଓ ଜନପ୍ରିୟତା ଦେଖି ଖୁବ ଖୁସି ହୋଇଛନ୍ତି। ତାପରେ ସାରଙ୍କ ସହିତ ଫୋନରେ ମୁଁ ଅନେକ ଥର ଅନେକ ଦିନ କଥା ହେଉଥିଲି। ତାଙ୍କ ଉପଦେଶ ସର୍ବଦା ମୋର ନିଜ୍ୟ ଜୀବନରେ ସର୍ବଦା ଲାଗି ଆସିଛି। ସେ ଖଣ୍ଡାୟତ କୁଳରେ ଜନ୍ମ। ଯେଉଁମାନେ ବୀରତ୍ୱରେ କାମ କରି ବିଭିନ୍ନ ଉପାଧି ପାଇ ତାଙ୍କ ସାଙ୍ଗିଆରେ ବଂଶାନୁକ୍ରମିକ ଲଗାଉଥିଲେ।

ଆମ ସାର ନାୟକ ଥିଲେ। ଜୀବନ ସାରା ଲଢ଼ାଇ କରି ସେ ମୁକାବିଲା କରିଛନ୍ତି। ସବୁକ୍ଷେତ୍ରରେ ନାୟକତ୍ୱ ସେ ହାସଲ କରିଛନ୍ତି। ସାର ଚାଲିଗଲେ, ତାଙ୍କର କେଉଁ ଏଲୋପାଥିକ ଚିକିତ୍ସାରେ ପ୍ରାୟ ବିଶ୍ୱାସ ନଥିଲା, ସେ ଧନ୍ୱନ୍ତରୀଙ୍କ ପରି କେତେ ରୋଗ ଖାଲି ଜଗତସିଂହପୁର ନୁହଁ ଦେଶ ବିଦେଶ ବହୁ ରୋଗୀଙ୍କୁ ଚିକିତ୍ସା କରୁଥିଲେ। ସେ କନକପୁର ଶାରଳା ଏକାଡ଼େମୀର ଛାତ୍ର ଥିଲେ। ମା ଶାରଳାଙ୍କର ସେ ବିଶେଷ ଉପାସକ ଆରଢ଼ି ଆଖଣ୍ଡଳମଣିଙ୍କର ଉପାସକ ଥିଲେ ସେ ସମସ୍ତଙ୍କୁ ଭଲ ପାଉଥିଲେ। ତାଙ୍କ ଧର୍ମପତ୍ନୀ, ପୁଅ ଝିଅ ଜାମାତା ବୋହୂ କେହି ତାଙ୍କର ସ୍ନେହରୁ ବଞ୍ଚିତ ନୁହନ୍ତି। ତାଙ୍କର ବାପା ମାଆ ଭାଇ ତାଙ୍କର ସେବରୁ କେବେ ବଞ୍ଚିତ ନୁହଁନ୍ତି। ସେ ଶ୍ରୀକୃଷ୍ଣ ଏକାଡ଼େମୀରେ ବହୁ ବର୍ଷ ଶିକ୍ଷକତା କରିଛନ୍ତି। ଛାତ୍ର, ସହକର୍ମୀଙ୍କ ସହିତ ତାଙ୍କର ଯଥା କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ସେ ଜଣେ ଉଚ୍ଚଧରଣର ବିଜ୍ଞାନ ଛାତ୍ର ଥିଲେ। ହୋମିଓ ସାଇନସରେ ତାଙ୍କର ଗବେଷଣା ଅତି ଗଭୀର ସେ କୌଣସି ରୋଗ ନିଦାନରେ କେବେ ହାରୁ ନଥିଲେ। ତାଙ୍କର ଅମର ଆତ୍ମା ପାଇଁ ମୁଁ ପ୍ରାର୍ଥନା କରୁଛି। ସେ ମୋର ଗୁରୁ ପଥଦ୍ରଷ୍ଟା, ଉପଦେଶଦାତା, ତାଙ୍କୁ ତ ମୁଁ ଚିକିତ୍ସା ବେଳେ ପଇସାଟିଏ ଦେଇପାରିନାହିଁ କେବଳ ପ୍ରଣାମ କରି ଅତି ଦୁଃଖରେ ରହୁଛି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଗୋପବନ୍ଧୁ ସାହିତ୍ୟରେ ବିଶ୍ୱପ୍ରେମ

ବର୍ଷ ପରେ ବର୍ଷ କାଳର କରାଳ କବଳରେ ଗ୍ରାସ ହୋଇଯାଏ। ସମୟର ଅପ୍ରତିହତ ନିରବଚ୍ଛିନ୍ନ ଗତିଧାରାର ପ୍ରଖର ସ୍ରୋତରେ ଏହି କ୍ଷଣଭଙ୍ଗୁର ଜଡ଼ ଜଗତର ସମସ୍ତ ସୃଷ୍ଟି ବସ୍ତୁ ତା'ର ସ୍ଥୂଳସ । ହରାଇ ବସେ, କିନ୍ତୁ ତ୍ୟାଗୀ, ନିଷ୍ପାପର ଦେଶସେବକ, ତପସ୍ୱୀ ଓ ମହାତ୍ମା ପୁରୁଷର ନିଷ୍ପାପ ନିତ୍ୟ ଶୃଦ୍ଧମୁକ୍ତ ଅମର ଆତ୍ମାର ମହାନ ତେଜ ଚିରକାଳ ଦେଶର ଓ ସମାଜର ପ୍ରତି ଅଣୁପରମାଣୁରେ ମଧ୍ୟ ପରିବ୍ୟାପ୍ତ ହୋଇ ଚିର ଭାସ୍ୱରାଲୋକରେ ସୃଷ୍ଟିକୁ ଉଦ୍‌ଭାସିତ କରେ। ସଂସ୍କୃତିରେ ସେଥିପାଇଁ କଥିତ ଅଛି:- "କୀ ର୍ଯସ୍ୟ ସଃଜୀବତି"। ଉକ୍ତ ବିଷୟର ପୃଷ୍ଠଭୂମିକୁ ଉପଜୀବ୍ୟ କରି ଏକଦା ପାଶ୍ଚାତ୍ୟ ମନୀର୍ଷା ଲଙ୍ଗଫେଲୋ ଲେଖିଥିଲେ-

"Lives of great men all remind us, We can kame our lives sublime. And departing leaves behend us, Foot prints on the sands of time Foot prints that perhaps another, Sailing over Life's solemm main, A Forlon and ship wrecked brother Seeing shall take heart again"

ନାଗାଧିରାଜ ହିମାଳୟର ବିରାଟତା ତଥା ବିଚିତ୍ରତା କଳନା କରିବା ଯେତିକି ଦୂରୁହ, କାଳନିକତା ପଥର ଉପରେ ଉଜ୍ଜ୍ୱଳ ରେଖାପାତ କରିଥିବା ଗୋପବନ୍ଧୁଙ୍କ ଅମଳିନ ପ୍ରତିଭା, ବିଶାଳ ସାହିତ୍ୟର ପ୍ରତି ଗ୍ରନ୍ଥରେ ପରିବ୍ୟାପ୍ତ ଦିଗନ୍ତ ପ୍ରସାରୀ ବିଶ୍ୱପ୍ରେମର ବିରାଟତା ତଥା ବିଚିତ୍ରତା ପରିମାପ କରିବା ବଧ୍ୟ ସେତିକି ଦୂରୁହ।

ସୃଷ୍ଟିର ଅନାଦି କାଳରୁ ସାହିତ୍ୟ ଚିର ଜାଜ୍ୱଲ୍ୟମାନ ସୃଷ୍ଟିର ନିରନ୍ଧ୍ର ଅନ୍ଧକାରକୁ ବିଦୂରିତ କରି ମାନବ ଜୀବନକୁ ସରସ, ସୁନ୍ଦର, ସାବଲୀଳ କରି ଗଢ଼ି ତୋଳିବା ହିଁ ଏହାର ପରମ ତଥା ଚରମ ଲକ୍ଷ୍ୟ। ଏକତା ଡ଼କ୍ଟର ଜନ୍‌ସନ୍ :- ଗଦ୍ୟ ସାହିତ୍ୟକୁ ବାଖ୍ୟା କରିବାକୁ ଯାଇ କହିଥିଲେ - "ଗଦ୍ୟ ହିଁ ହୁଗୁଳା ମନର ଏକ ଅନିୟମିତ ଅଭିବ୍ୟକ୍ତି"। ଅର୍ଥାତ୍ "A loose sally of mind an lrregular indigested piece nor a regular or orderly composition"। ଚଳମାନ ସମୟର କ୍ରମବିକାଶ କ୍ରମେ ବହୁ ଯୋଗଜନ୍ମାଙ୍କର ଲେଖନୀ ସ୍ପର୍ଶରେ ସାହିତ୍ୟ ଆଜି ରସାଳ। ତୁଷାର ପିଣ୍ଡରୁ ଯେପରି କଳକଳ ନିନାଦିନୀ ନିର୍ଝରଣୀର ସୃଷ୍ଟି, ଶାମୁକାନ୍ତରାଳରୁ ଯେପରି ମୁକ୍ତରତ୍ନର ସମ୍ ି, ସିଦ୍ଧାନ୍ତ ମଧ୍ରୁ ଯେପରି ଉପପାଦ୍ୟ ପରିସ୍ଫୁଟ ସେହିପରି ଗୋପବନ୍ଧୁଙ୍କ ଲେଖନୀଭବ ସାହିତ୍ୟରେ ବିଶ୍ୱପ୍ରେମ ଉଦ୍ଭାସିତ ଓ ଝଙ୍କାରିତ।

ପ୍ରେମ ସ୍ୱର୍ଗୀୟ ଓ ଅନନ୍ତ। ପ୍ରେମରାଜ୍ୟରେ ଅସତ୍ୟ ଅନ୍ୟାୟ ଓ ଅମଙ୍ଗଳର ସ୍ଥାନ ନାହିଁ। ଏହି ପ୍ରେମ ବିଶ୍ୱାସର ମହନୀୟତାକୁ ପ୍ରତିପାଦନ କରି ଇଂରେଜ କବି ଟେନିସନ୍ କହିଛନ୍ତି :- "If love belove off love of ours faith and unfaith are never equal powers. Unfaith is aught, Is want of faith in all"

ଏହି ଭାବାବେଗରେ ଯେଉଁମାନଙ୍କ ହୃଦୟ ମନ ଅସ୍ଥିର ହୋଇ ଉଠିଥିଲା, ଯେଉଁମାନଙ୍କ ସରଳ ପ୍ରାଣ ଶୋକ ଜର୍ଜରିତ ହୋଇଥିଲା, ଯେଉଁମାନେ ନିଜେ କାନ୍ଦି ଅନ୍ୟମାନଙ୍କୁ ଜନ୍ମଭୂମି ପାଇଁ କନ୍ଦାଇ ପାରିଥିଲେ, ସେମାନଙ୍କ ମଧ୍ୟରେ ଛୁନିଅନା ବନର ଦରଦୀମଣି ଉତ୍କଳମଣି ଗୋପବନ୍ଧୁ ହିଁ ଶ୍ରେଷ୍ଠ ସ୍ଥାନର ଅଧିକାରୀ। ରାଜନୀତିରେ ସରଳତା, ସାହିତ୍ୟାନୁରାଗରେ ସରସତା, ସେବା ମନୋବୃ ିରେ ଆତୁରତା, ପରଦୁଃଖରେ କାତରତା, ଶିକ୍ଷାଦାନରେ ଆବେଗତା, ପ୍ରେମରେ ପବିତ୍ରତା, ଯାହାଙ୍କର ଗଭୀର ହୃଦୟକୁ ସଦାସର୍ବଦା ଉଦ୍ ବୁଦ୍ଧ କରୁଥିଲା, ସେହି କେବଳ ଉତ୍କଳମଣି ଯିଏ ପରକୁ ଆପଣାର କରିବାକୁ ଯାଇ ନିଜର ଅମୂଲ୍ୟ ସମ୍ପଦ ଜୀବନକୁ ଦେଶ ଓ ଜାତି ପାଇଁ ବଳି ଦେଇ ଲେଖିଛନ୍ତି -

"ଜୀବନକି ଖାଲି ନିରାଶାର ବାଲି
ମରୁ ମରିଚିକା ସେନେହ ପ୍ରୀତି ?
ତେବେ କି ଆଶାରେ କହ ଏ ସଂସାରେ
ପରଲାଗି ନର ମରୁଛି ନୀତି ?
ପ୍ରେମ ପରାସହେ ସହି ସୁଖପାଏ
ପ୍ରେମ ନ ଜାଣଇଁ କେବେ ଶୋଚନା,
ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖ
ହେଲେ ହେଉ ପଛେ ଗୁରୁଗଞ୍ଜନା।"

ସେ ବିପ୍ଳବର ଅଗ୍ନିଦାହ ମଧ୍ୟରେ ଜନ୍ମନେଇ ତା'ର ଉ ପ୍ତତା ମଧ୍ୟରେ ହିଁ ମୃତ୍ୟୁବରଣ କଲେ କାହାପାଇଁ ? ନିଜପାଇଁ, ନିଜ ସ୍ତ୍ରୀ ପାଇଁ ନା ପରିବାର ପାଇଁ ? ନିଜ ରକ୍ତ ମାଂସରେ ଗଢ଼ା ପ୍ରତିନିଧିକୁ ମୃତ୍ୟୁମୁଖରେ ପକାଇ ଶୁଷ୍କ ନୟନରେ ପ୍ରିୟତମଠାରୁ ବିଦାୟ ନେଇଥିଲେ। ପତ୍ନୀଙ୍କର ଦାରୁଣ ବିୟୋଗାତ୍ମକ ବିରହରେ ବି ନିଜକୁ ଦାରୁଭୂତ ମୁରାରୀ କରି ପାରିଥିଲେ କେବଳ ସାର୍ବଜନୀନ ଭାବ ପାଇଁ ଓ ବିଶ୍ୱପ୍ରେମ ପାଇଁ, କାରଣ କଥାରେ ଅଛି "Universality in action is the law of divine living."

ରାଜନୈତିକ ଦୃଷ୍ଟିରୁ ବିଚାର କଲେ ସେ ଉତ୍କଳୀୟ, ପରେ ଭାରତୀୟ ଏବଂ ସର୍ବଶେଷରେ ବିଶ୍ୱନାଗରିକ ହୋଇ ପାରିଥିଲେ। କିନ୍ତୁ କବି ହିସାବରେ ସେ ପ୍ରଥମେ ବିଶ୍ୱପ୍ରେମୀ ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ।

ସେ ଯେତେବେଳେ କାରା କକ୍ଷରେ ଆବଦ୍ଧ ରହି ଜାତିକୁ ସ୍ୱାଧୀନତା ମାର୍ଗରେ ପରିଚାଳିତ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ, ସେତେବେଳେ ତାଙ୍କ ଠାରେ ମହାବିଶ୍ୱାନୁଭବତା ପ୍ରକାଶ ପାଇଥିଲା। ବନ୍ଦୀର ଆତ୍ମକଥାରେ ସେ ଲେଖିଥିଲେ -

"ହିନ୍ଦୁ ମୁସଲମାନ ବୌଦ୍ଧ ଖ୍ରୀଷ୍ଟିୟାନ
ଶିଖ ଜୈନ ସର୍ବେ ଭାରତ ସନ୍ତାନ।
ଯେତେ ଧର୍ମ ଯେତେ ବର୍ଣ୍ଣ ଜାତି କୁଳ,
ଭାରତ ଜନନୀ ସମସ୍ତଙ୍କ ମୂଳ।
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ,
ଏକତ୍ର ଏନ୍ତୁଡ଼ି ଏକତ୍ର ଶ୍ମଶାନ।
ଏକ କର୍ମ ଖେଳ ଏକ ମାତୃପଦେ,
କର ଏକ ପ୍ରାଣ ସମ୍ପଦେ ବିପଦେ।
ଏକତା ମନ୍ତ୍ରରେ ରଖ ସଦା ମତି,
ହେବ ଏହି ଭାବେ ସ୍ୱରାଜ୍ୟ ପ୍ରାପତି।"

ଗୋଟିଏ କଥାରେ କହିବାକୁ ଗଲେ ତାଙ୍କର ବ୍ୟକ୍ତିତ୍ୱ ଥିଲା ଈଶ୍ୱର ଓ ପୃଥିବୀ ମଧ୍ୟରେ ଥିବା ଦୀର୍ଘ ବ୍ୟବଧାନର ଏକ ସଂଯୋଜକ।

ହିନ୍ଦୁ ଗର୍ଭରେ ଜନ୍ମ ଗ୍ରହଣ କରି ମଧ୍ୟ ଗୋପବନ୍ଧୁ ପୃଥିବୀର ସମସ୍ତ ଧର୍ମ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିଲେ। କାରଣ ମଣିଷ ସଙ୍ଗେ ମଣିଷର, ଅତୀତ ସଙ୍ଗେ ବ ର୍ମାନର ମଣିକା ନ ସଂସର୍ଗ, ଜୀବନର ସମସ୍ତ ଘାତ ପ୍ରତିଘାତ ମଧ୍ୟରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଶାନ୍ତିର ସନ୍ଧାନ, ଜନ୍ମଭୂମିର ପ୍ରେମରେ ଭୂମାନନ୍ଦର ଅନୁସନ୍ଧାନ, ବ୍ୟକ୍ତିସ । ମଧ୍ୟରେ



ଉମାଶଙ୍କର ପ୍ରସାଦ

ବ୍ୟକ୍ତି ଚୈତନ୍ୟାତୀତ ସଚ୍ଚିଦାନନ୍ଦ ପରମାତ୍ମାର ସାକ୍ଷତ ଲାଭ ହିଁ ତାଙ୍କର ଥିଲା ମୌଳିକ ପ୍ରେରଣା।

ସେହିଭଳି ଆଦ୍ୟ ଯୌବନରେ କାଠଯୋଡ଼ି ତୀରରେ ସାୟଂକାଳ ଉପଭୋଗ କଲାବେଳେ ତାଙ୍କର କବିପ୍ରାଣ ମହାବିଶ୍ୱଭାବରେ ଉଦ୍‌ବେଳିତ ହୋଇଉଠିଥିଲା। ସେ ଗାଇଥିଲେ:-

'ପ୍ରେମରଭାବ ଯାର ଅନ୍ତରେ ପୁରିତ
ସର୍ବପ୍ରାଣୀ ହୃଦତା ହୃଦେ ଅଙ୍କିତ।
ସର୍ବ ଅନୁଭୂତେ ସର୍ବଭୂତେ ତାର
ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି
ଅନ୍ୟ ହୋଇ ତାର ଆଉ କେହି ନାହିଁ।'

ଯୁଗପୁରୁଷଙ୍କ ଉକ୍ତ କବିତାରେ ଅନ୍ତର ସହିତ ଅନ୍ତରର ଅନାବିଳ ସ୍ନେହ ପ୍ରକାଶ ପାଇଛି। ସତେ ଯେପରି ରାଧାକୃଷ୍ଣ ମିଳନ, ଅଭିମାନ ପୂର୍ଣ୍ଣ ଲଳିତ ଚମ୍ପୁର ସ୍ୱରମୂର୍ଚ୍ଛନା ଯେପରି ପ୍ରଶ୍ନ ଉପପ୍ରଶ୍ନ ଭିତରେ ସ୍ରଷ୍ଟାଙ୍କୁ ନେଇଯାଇଛି, କଳ୍ପଲୋକର ଅମରାବତୀର ନିତ୍ୟ ବସନ୍ତ ଚର୍ଚ୍ଚିତ ପୁଷ୍ପିତ ସୁରଭିତ ପରିବେଶ ମଧ୍ୟକୁ।

ସମତା ଏବଂ ଭାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ର ପ୍ରତିପାଦିତ ହୋଇ ରହିଛି ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ। ସାର୍ବଜନୀନ ସମାଜ ଭଗବାନଙ୍କର ଅଭିବ୍ୟକ୍ତି "ମାନବ ସେବା ହିଁ ଭଗବତ ସେବା"। ମାତ୍ର ବ୍ୟକ୍ତିବିଶେଷଙ୍କ ଶକ୍ତି କ୍ଷୀଣ, ବାହୁ କ୍ଷୁଦ୍ର , ଦୃଷ୍ଟି ସଂକୀର୍ଣ୍ଣ ଗତି ସୀମାବଦ୍ଧ ସୁତରାଂ ବିଶ୍ୱଜୀବନ ସମଗ୍ର ମାନବ ଜାତିର ସେବା ତା ପକ୍ଷରେ ଅସମ୍ଭବ। ସେ ଯେଉଁ ନିର୍ଦ୍ଦିଷ୍ଟ ଦେଶରେ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବାସ କରନ୍ତି ସେହି ଦେଶ ତାଙ୍କର ପୂଜାପାଠ ଏବଂ ସେହି ଜାତିର ସେବା ହିଁ ତାଙ୍କର ମାନବ ସେବା।

'ସର୍ବଦେବ ନମସ୍କାର କେଶବ ପ୍ରତି ଗଚ୍ଛତି' ଏହି ଉଦାର ମାନବବିକତାକୁ ଲକ୍ଷ୍ୟକରି ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ହେବ। ଏଥିରେ କୌଣସି ଭୟ ନାହିଁ, କି ଅକଲ୍ୟାଣ ନାହିଁ, ନାହିଁ କଲ୍ୟାଣକୃତ କଶ୍ଚିତ ଦୁର୍ଗତିଂ ତାତ୍ ଗଚ୍ଛତି। ହୃଦୟରେ ଏ ବିଶ୍ୱାସ ଜାଗ୍ରତ ଥିଲେ ଏବଂ ଏହି ଉଦାର ନୀତିରେ ଜୀବନର ଗତି ନିୟନ୍ତ୍ରିତ ହେଲେ କ୍ଷୁଦ୍ର ପଲ୍ଲୀରେ ସୀମାବଦ୍ଧ କାର୍ଯ୍ୟ କ୍ଷେତ୍ରରେ ରହି ମନୁଷ୍ୟ ସମଗ୍ର ମାନବ କଲ୍ୟାଣରେ ଆତ୍ମ ବିନିଯୋଗ କରିପାରେ।

ଅନେକ କ୍ଷୁଦ୍ର ଜଳପ୍ରବାହ ମିଳନରେ ନଦୀର ଉତ୍ପ ି ପୁଣି ଏହିପରି ଅନେକଗୁଡ଼ିଏ ନଦୀ ମିଶି ମହାନଦୀରେ ପରିଣତ ଏବଂ ପରିଶେଷର ସମସ୍ତ ମହାନଦୀର ପ୍ରବେଶ ମହା ସମୁଦ୍ରରେ। ଆମ୍ଭମାନଙ୍କର ବ୍ୟକ୍ତିଗତ ଓ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ ଆତ୍ମାର ମିଳନରେ ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ଏପରି ହେବା ଉଚିତ୍ ଯେ ସମସ୍ତ ବ୍ୟକ୍ତିଗତ କ୍ରିୟାର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ ପୁଣି ଭିନ୍ନ ଭିନ୍ନ ଜାତିର କାର୍ଯ୍ୟ ଏବଂ ଗତ ପରିଣାମରେ ସମଗ୍ର ମାନବଜାତିର କଲ୍ୟାଣରେ ସହାୟ ହେବ। ସାର୍ବଜନୀନ ଭଗବାନଙ୍କର ଅଭିବ୍ୟକ୍ତ। ମାନବସେବା ହିଁ ଭଗବତ୍ ସେବା। ଏହି ବିରାଟ ଜାତୀୟତାବୋଧ ଏବଂ ଉଦାର ମାନବିକତା ଉତ୍କଳୀୟ ପକ୍ଷରେ ନୂତନ ନୁହେଁ। ଏହା ତା'ର ଐତିହାସିକ ପରମ୍ପରା। ଏହାର ପ୍ରମାଣ ଲିପି ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଶାର ଇତିହାସରରେ। ଉତ୍କଳର ବିଶ୍ୱପ୍ରୀତି ସମ୍ବନ୍ଧରେ ଗୋପବନ୍ଧୁ କହିଥିଲେ ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା ଓଡ଼ିଆର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ। ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା।

କେବଳ ଏତିକି ନୁହେଁ, ସେ ସତ୍ୟବାଦୀ ପତ୍ରିକା ମାଧ୍ୟମରେମଧ୍ୟ ବିଶ୍ୱପ୍ରେମର ଆଦର୍ଶ ପରିପ୍ରଚାର କରିଥିଲେ। ଥରେ ସେ ସତ୍ୟବାଦୀ ପତ୍ରିକାରେ ଲେଖିଥିଲେ 'ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧ ନୁହେଁ, ବରଂ ବିଶ୍ୱପ୍ରୀତିବିହୀନ ପ୍ରାଣରେ ଜାତୀୟତା ଓ ସ୍ୱଦେଶବତ୍ସଳତା ଅସମ୍ଭବ। ପୂର୍ବପୁରୁଷମାନଙ୍କ ପଥ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଅନୁସରଣୀୟ। ଚରାଚର ଜଗତର ତର୍ପଣ ବିଧାନ ହିନ୍ଦୁ ଆପଣା ନିତ୍ୟ କ ର୍ବ୍ୟର ଅନ୍ତର୍ଭୁକ୍ତ କରିଥିଲେ "ହେ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି"। ଏହି ବିଶ୍ୱାନୁରାଗ ରୀତିରେ ପ୍ରାଣରେ ପ୍ରଗାଢ଼ ମମତା ପ୍ରକାଶ କରିଛନ୍ତି । "ସର୍ବଦେବ ନମସ୍କାରଃ କେଶବଂ ପ୍ରତି ଗଚ୍ଛତି।" ଏହା ଆମ୍ଭମାନଙ୍କର ବିଶ୍ୱାସ ତେଣୁ ଆମ୍ଭେମାନେ ଉତ୍କଳ ସେବାରେ ଭାରତ ତଥା ବିଶ୍ୱର ସେବା କରିବୁ । ଉତ୍କଳର ହୃଦୟ ତନ୍ତ୍ରୀରେ ବିଶ୍ୱମାନବର ହୃଦୟର ଗୀତି ଶୁଣିବୁ।

ତାଙ୍କ ରଚିତ ଧର୍ମପଦ କବିତାରେ ଲେଖିଛନ୍ତି - "ହୋଇ ଏକ ଧ୍ୟାନ ମିଳାଇଣ ତାନ ବିଶ୍ୱସଂଗୀତ ଲହରେ, ଗାଏ ଧର୍ମପଦ ପରମ ଆନନ୍ଦେ ଜୟଜଗଦୀଶ ହରେ"।

ସେହିପରି ପିତୃପକ୍ଷ ତର୍ପଣ କବିତାରେ ସେ ନିଖିଳ ବିଶ୍ୱବାସୀଙ୍କୁ ଆବାହନ କରି କହିଛନ୍ତି :-

"ବିଶ୍ୱବାସୀ ଚରାଚରେ କରି ଆମନ୍ତ୍ରଣ
ମୁଁ ଯେ ଏଥି କରେ ଜଳ ଅଞ୍ଜଳି ତର୍ପଣ।"

ପୁଣି ତାଙ୍କର ନିତ୍ୟ ନଳାଚଳ ଧାମ କବିତାରେ ସେ ନିଳାଚଳ ଧାମରେ ବାସକରିଥିବା ବ୍ୟକ୍ତି ସମ୍ପର୍କରେ କହିଛନ୍ତି :-

"ସେହି ନାହିଁ ଯାର ନିଜ ପର ଜ୍ଞାନ,
ପାଏ ନୀଚ ଯାର ସ୍ନେହ ଅପମାନ।
ବିଶ୍ୱ ହିତେ ଯାର ଆହାର ପାହାର,
କରେ ବିଶ୍ୱହିତେ ସେ ଜୀବନ ଦାନ।"

ପୁଣି ବିଶ୍ୱର ମିଳନ ଚିତ୍ର ଅଙ୍କନ କରିବାକୁ ଯାଇ କବି ନିଖିଳ ବିଶ୍ୱ ସହିତ ସମ୍ପୂର୍ଣ୍ଣ ରୂପେ ମିଳିଯାଇ ନିଜର ପ । ଲୋପ କରିଦେବାରେ ପରିକଳ୍ପନା କରି ଗାଇଛନ୍ତି :-

"ମୋ ପ୍ରାଣ ପ୍ରେମଧାରେ ଭାସିବା ଧରା,
ହେବ ବିଶ୍ୱ ମୋର ପ୍ରେମ ପସରା।"

ଗୋପବନ୍ଧୁଙ୍କର ଜାତୀୟ ମମତା ଓ ବିଶ୍ୱଜନ ପ୍ରୀତି ମଧ୍ୟରେ ଆଦୌ ବ୍ୟବଧାନ ନଥିଲା । ଜାତୀୟ ସେବା ମାଧ୍ୟମରେ ବିଶ୍ୱ ଜନତାର ସେବା ଓ ବିଶ୍ୱ ଜନସେବା ମାଧ୍ୟମରେ ଜାତୀୟ ଜୀବନର ବିକାଶ ଉଭୟ ଉଭୟର ପରିପୂରକ । ଏଣୁ ନୀରବ ନିଶ୍ଚଳ ବନ୍ଦୀଘରେ ବସି ଗୋପବନ୍ଧୁ ପ୍ରଭୁ ଶ୍ରୀପୟରେ କ୍ଷମା ମାଗିଛନ୍ତି:-

"ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳ ବାସୀର ହେଉ ଏହା ନୀତି।"

ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି । ମାତ୍ର ସାମାଜିକ ଭି ିବିନା ସେ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏନାହିଁ । ଏହିପରି ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ଏହା ଥିଲା ତାଙ୍କର ଦୃଢ଼ ବିଶ୍ୱାସ ।

ସର୍ବୋପରି ଗୋପବନ୍ଧୁଙ୍କର ମହାନ ଜାତୀୟତା କେବଳ ବିଶ୍ୱସ୍ତରରେ ଆବଦ୍ଧ ନଥିଲା । ତାହା ଇହଜଗତକୁ ଅତିକ୍ରମ କରି ଅତୀନ୍ଦ୍ରିୟ ରାଜ୍ୟକୁ ସ୍ପର୍ଶ କରୁଥିଲା । ତାଙ୍କ ଦୃଷ୍ଟିରେ ପାର୍ଥିବ ଜଗତର ସ୍ନେହ, ବନ୍ଧୁତା ଓ ପ୍ରେମର ବିନାଶ ଶ୍ମଶାନରେ ଘଟେ ନାହିଁ, ତାହା ଅନନ୍ତ, ଅମର ଓ ଅବିନାଶୀ ।

"ଚିତାନଳେ ଭସ୍ମ ନୁହେଁ ସେନେହ ବନ୍ଧନ,
ଶ୍ମଶାନ ନୁହେଁ ଏ ଜୀବ ଶେଷ ପରିସୀମା।
କେବେ ନାହିଁ ହେବ ନିଶ୍ଚେ ଶୁଭ ସମ୍ମିଳନୀ,
ପ୍ରକାଶିବ ପ୍ରାଣେ ପୂର୍ଣ୍ଣ ପୁଣ୍ୟ ମାଧୁରିମା।"

କବି ବିଶ୍ୱର ମିଳନାତ୍ମକ ଚିତ୍ର ଦେଖି ବିଶ୍ୱ ପ୍ରେମରେ ମଜ୍ଜି ଯାଇଛନ୍ତି । ପ୍ରକୃତି ରାଜ୍ୟରେ ଯେପରି ବାସ୍ତବ ମିଳନ ଘଟୁଛି । ଠିକ୍ ସେହିପରି ବିଶ୍ୱାତ୍ମା ପରମେଶ୍ୱରଙ୍କ ପ୍ରେମ ପାଇବାକୁ ସେ ଆଗ୍ରହୀ। ବିଶ୍ୱର ମିଳନଚକ୍ର କବିତାରେ ସେ ଲେଖିଛନ୍ତି -

"ନାଚେ ଲହରୀ ଯଥା ଶଶୀ ପରଶେ,
ନଳିନୀ ଗାଥା କରେ ରବି ହରଶେ।
ମିଳାଇ ପ୍ରାଣ ଯଥା ପ୍ରାଣେଶ ପଦେ,
ନାଚିବି ବିଶ୍ୱପ୍ରେମେ ପରମାନନ୍ଦେ।
ଗିରି ସାଗର ନଦୀ ତପନ ଶଶୀ,
ସର୍ବେ ଚୁମ୍ବିବେ ମୋତେ ପ୍ରେମେ ପରଶୀ।
ମୋ ପ୍ରାଣ ପ୍ରେମଦାରେ ଭାସିବ ଧରା,
ହେବ ଏ ବିଶ୍ୱ ମୋର ପ୍ରେମ ପସରା।"

ପରିଶେଷରେ ଏତିକି କଥା ଯେ ବିଶ୍ୱକବି ରବିନ୍ଦ୍ରନାଥ ଯେପରି ବଶ୍ୱପ୍ରେମୀ ହେଲେ ବି ନିଜର ସ୍ୱଦେଶ ଓ ସ୍ୱଦେଶର ସାଂସ୍କୃତିକ ଐକ୍ୟ ପାଇଁ ସର୍ବଦା ସଚେତନ ଥିଲେ । ପୁଣ୍ୟଶ୍ଳୋକ ଗୋପବନ୍ଧୁ ମଧ୍ୟ ନିଜ ଦେଶ ଏବଂ ଦଶର ସଂସ୍କୃତି ଓ ଐତିହ୍ୟ ପ୍ରତି ସର୍ବଦା ସଚେତନ ଥିଲେ । ସ୍ୱଦେଶ ନାମ ଉଚ୍ଚାରିତ ହେଲା ମାତ୍ରେ ବିଶ୍ୱକବି କହୁଥିଲେ ଆମର ସ୍ୱଦେଶ ଆମର ଚିରନ୍ତନ ସ୍ୱଦେଶ, ଆମର ପିତୃପିତାମହଙ୍କର ସ୍ୱଦେଶ, ଆମର ସନ୍ତାନସନ୍ତତିଙ୍କର ସ୍ୱଦେଶ, ଆମର ପ୍ରାଣଦାତା, ଶକ୍ତିଦାତା ସମ୍ପଦଦାତା ସ୍ୱଦେଶ । ଗୋପବନ୍ଧୁ ନିଜ ଦେଶକଥା ଚିନ୍ତାକଲାବେଳେ ଠିକ୍ ସେହିଭଳି କହୁଥାନ୍ତି ଏବଂ କହି କାନ୍ଦୁଥାନ୍ତି । ତାଙ୍କର କବିତା 'ବନ୍ଦୀର ଆତ୍ମକଥା' ପ୍ରଭୃତି ପାଠକଲେ ଏହାର ସତ୍ୟତା ପୂର୍ଣ୍ଣମାତ୍ରାରେ ଉପଲବ୍ଧ ହେବ । ଭାରତୀୟ ସଂସ୍କୃତିରେ ଅଖଣ୍ଡତା ଓ ସମୃଦ୍ଧି ପାଇଁ ଯେ, ଯେତିକି ସଜାଗ ରହିଛନ୍ତି, ସତେକି ବିଶ୍ୱର ସମଗ୍ର ମାନବ ଜାତିର ଆଶା ଅଭୀପ୍ସା ପ୍ରତି ସଜାଗ ରହିଛନ୍ତି । ବିଶ୍ୱର କଲ୍ୟାଣ ପାଇଁ ଭଗବାନଙ୍କ ଚରଣରେ ନୈବେଦ୍ୟ ଢ଼ାଳି ସେ ଗାଇଛନ୍ତି :-

"ମଧୁମୟରିତେ ହେଉ ବିଶ୍ୱ ନିନାଦିତ,
ଉଠୁ ବିଶ୍ୱ ପ୍ରାଣେ ମଧୁ ଅମୃତ ସଙ୍ଗୀତ।"

ଏହି ବାଣୀ ତାଙ୍କର ସାର୍ବଜନୀନ ଚିନ୍ତାର ଅମର ପ୍ରତୀକ ।

ଗୋପବନ୍ଧୁଙ୍କ ମହାନ ଆତ୍ମାର ବ୍ୟକ୍ତିତ୍ୱର ମୂଲ୍ୟବୋଧର ସମୟ ଏପର୍ଯ୍ୟନ୍ତ ଆସିନାହିଁ । ଆତ୍ମାର ଅଭୀପ୍ସା ମାନବ ସମାଜକୁ ସମଗ୍ର ଓଡ଼ିଆ ଜାତିକୁ ବହୁଦୂର ଆଗେଇ ନେଇଛି । "A souls ambition lifted of the race" ଯୁଗ ଯୁଗକୁ ଗୋପବନ୍ଧୁ ଦୁନିଆର ଅନ୍ଧକାରମୟ ତ୍ରିଛକି ରାସ୍ତା ଉପରେ ଛିଡ଼ାହୋଇ ମନୁଷ୍ୟକୁ ଯଥାର୍ଥ ପଥରେ ଚାଲିବାକୁ ନିର୍ଦ୍ଦେଶ ଦେଉଥିବେ ।

*ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଲିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୪୭ତମ ଜନ୍ମଜୟନ୍ତୀ ପାଳିତ



ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଯଶୁଆପୁର ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୪୭ ତମ ଜନ୍ମ ଜୟନ୍ତ ପାଳିତ ହୋଇଯାଇଛି। ମହାନ୍ ଦେଶ ସେବକ, ଲୋକ ସେବକ ମଣ୍ଡଳ ସ୍ୱେଚ୍ଛାସେବୀ ସଂଘ ଓ ସମାଜ ଖବର କାଗଜର ପ୍ରତିଷ୍ଠାତା, ତ୍ୟାଗ ଓ ସେବାର ପ୍ରତୀକ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ସାହିତ୍ୟ ସାଧକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପ ମଲ୍ୟ, ବିନମ୍ର ଭକ୍ତିପୂତ ସୁମନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ଯୋଗଦେଇ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଉପରେ ଛାତ୍ର ଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଆଦର୍ଶ ଯୁଥ ଫାଉଣ୍ଡେସନର ଅଧକ୍ଷ ପ୍ରଳୟ କୁମାର ଦାସ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ରଂଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଶେଷରେ ଗୁରୁପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହି ରହିଥିଲେ ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଇ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ



ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ୨୯ତମ ଅନନ୍ୟା ବକ୍ତୃତାମାଳା ଉଦ୍‌ଘାଟିତ

ଯାଜପୁର,(ପି.ଏନ): ମା'ବିରଜାଙ୍କ ଷୋଡ଼ଶ ଦିବସୀୟ ସ୍ୱତନ୍ତ୍ର ପୂଜା ଓ ରଥ ଯାତ୍ରା ଅବସରରେ ମା'ବିରଜାଙ୍କ ରଥ ଦାଣ୍ଡରେ ତ୍ରିଦିବସୀୟ "ଅନନ୍ୟା ବକ୍ତୃତା ମାଳା" ଯାଜପୁରର ଉପଜିଲ୍ଲାପାଳ ଅଂଶୁମାନ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସନ୍ତୋଷ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅନନ୍ୟା ବକ୍ତୃତା ମାଳାର ବିବରଣୀ ଓ ଏହି ବକ୍ତୃତାମାଳାର ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ସୂଚନା ଦେଇଥିଲେ। ମୁଖ୍ୟବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ ବିଶ୍ୱମ୍ଭର ମିଶ୍ର, ଯାଜପୁର ଥାନାର ଭାରାପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ସମ୍ମାନିତ ବକ୍ତା ଡଃ ହରିଶ୍ଚନ୍ଦ୍ର ପଣ୍ଡା, ଅଧିକାରୀ ନବକିଶୋର ଦାସ, ଅଧ୍ୟାପକ ନିତ୍ୟାନନ୍ଦ ଦେଓ ପ୍ରମୁଖ ମା'ବିରଜାଙ୍କ ମହିମା ଓ ଶାକ୍ତ ସଂସ୍କୃତିରେ ମା'ବିରଜାଙ୍କ ମହତ୍ୱ ଓ ଗୁରୁତ୍ୱ ପ୍ରଖ୍ୟାପନ କରିଥିଲେ। ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ଉପସଭାପତି ବିଭୂପତିଭୂଷଣ ମହାପାତ୍ର, ଅତିଥି ପରିଚୟ ପ୍ରଦାନ କରିଥିଲେ ସୁବାସ ଚନ୍ଦ୍ର ମହାପାତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ସଂପାଦକ ବୃନ୍ଦାବନ ମିଶ୍ର ଓ ସମସ୍ତଙ୍କୁ ଶ୍ରୀ ମିଶ୍ର ଧନ୍ୟବାଦନ ଦେଇଥିଲେ। ଶେଷରେ ଅଶୋଲତା ନନ୍ଦ, ଅଶୋକ ପଲାଇ ଓ ତାଙ୍କର ସାଥୀମାନେ ଭଜନ ପରିବେଶଣ କରିଥିଲେ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

## ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୁମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ



ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି



ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢ଼ିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ



ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢ଼ିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୂର୍ଗାପୂଜା ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପଚାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୂର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ୍ୟ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର ଆନୁକୂଲ୍ୟରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଯାଜପୁର,(ପି.ଏନ): ଯାଜପୁର ପୌରପାଳିକା ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସଭାପତି କହ୍ନାଇ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ନୃସିଂହ ଚରଣ ମହାପାତ୍ର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବାସହ, ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ର, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବଳିଷ୍ଠ ଲିଖନୀ ସରଳଭାଷା ଲୋକଙ୍କ ଜୀବନର ଏକ ନବଜାଗରଣ ସୃଷ୍ଟି କରିଥିବା କଥା କହିଥିଲେ । ଗୋପବନ୍ଧୁ ଜଣେ ଶିକ୍ଷକ, କବି,ଅଖଣ୍ଡିତ ଓଡ଼ିଶାକୁ ଏକତ୍ରିତ କରିବାକୁ ଜୀବନକୁ ବାଜି ଲଗାଇଥିବା କଥା ଅନୁଷ୍ଠାନର ଉପସଭାପତି ଗଦାଧର ରାଉତ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଧନଞ୍ଜୟ କେଶରୀ ରାଉତରାୟ, ନିରୁପମା ମହାନ୍ତି, ନୃସିଂହ ଚରଣ ଜେନା, ଲେଖକ ରବି ଶତପଥୀ, ସୁବାସ ମହାପାତ୍ର, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ରାମକୃଷ୍ଣ ବେହୁରିଆ, ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକ, ଭରତ କୁମାର ସାହୁ, ଦେବାଶିଷ ମହାନ୍ତି, ମଧୁସୂଦନ ମହାନ୍ତି, ଶରତ ଚନ୍ଦ୍ର ସାମଲ, ନରେନ୍ଦ୍ର କୁମାର ଦାସ, ବୃନ୍ଦାବନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର

# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବର୍ତ୍ତମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

# ଭାରତୀୟ ଆଇନଜୀବୀ ସଙ୍ଘର ଜିଲ୍ଲା କମିଟି ବୈଠକ : ନୂତନ କର୍ମକର୍ତ୍ତା ନିର୍ବାଚିତ

କେନ୍ଦ୍ରାପଡ଼ା, (ପି.ଏନ): ଭାରତୀୟ ଆଇନଜୀବୀ ସଙ୍ଘ, କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ମଙ୍ଗଳବାର ପବ୍ଲିକ ରିଡିଂରୁମ ପରିସରରେ ଜିଲ୍ଲାର ବରିଷ୍ଠ ଆଇନଜୀବୀ ପ୍ରେମାନନ୍ଦ ମାଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦେଶ ପାଇଁ ଶହୀଦ ହୋଇଥିବା ସୈନିକ, କୃଷକ ଓ ଆଇନଜୀବୀଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ଆଇନଜୀବୀ ଧନଞ୍ଜୟ ଦାଶ ସଂଗଠନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଇନଜୀବୀ ରଞ୍ଜନ କୁମାର ସାମଲ ବିଗତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ଓକିଲ ସଙ୍ଘର ଉପସଭାପତି ସୁଶ୍ରୀ ନାୟକ ସ୍ୱାଗତ ଭାଷଣ ଓ ଶୁଭେଚ୍ଛା ଅର୍ପଣ କରିଥିଲେ । ସଙ୍ଘର ରାଜ୍ୟ ସମ୍ପାଦକ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଡ. ପ୍ରଶାନ୍ତ ମିଶ୍ର ସଂଗଠନର ସୃଷ୍ଟି, ଓକିଲ ଏବଂ ଜନସାଧାରଣଙ୍କୁ ଆଇନ ସମ୍ପର୍କରେ ୧୯୮୩ମସିହାରୁ ସଚେତନ କରି ଆସୁଥିବା ସଂଗଠନର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ସଙ୍ଘର ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରାଯାଇ ଏକ ୧୫ଜଣିଆ କମିଟି ଗଠନ କରାଯାଇଥିଲା । ଜିଲ୍ଲା କମିଟିର ସଭାପତି ଭାବେ ଆଇନଜୀବୀ ଅକ୍ଷୟ କୁମାର ନାଥ, କାର୍ଯ୍ୟକାରୀ ସଭାପତି ରମଣୀରଞ୍ଜନ ରାଉତରାୟ,ଉପସଭାପତି ସୁଶ୍ରୀ ନାୟକ ଓ ହାଡିବନ୍ଧୁ ସିଂ, ସମ୍ପାଦକ ଧନଞ୍ଜୟ ଦାଶ, ସଂଗଠନ ସମ୍ପାଦକ ରଞ୍ଜନ କୁମାର ସାମଲ, ସହ-ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ, ରଞ୍ଜନ କୁମାର ମଲ୍ଲିକ ଓ ଦିଲ୍ଲିପ କୁମାର ସେଠୀ, କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ବାରିକ ଏବଂ ସଭ୍ୟ ଭାବରେ ପ୍ରେମାନନ୍ଦ ମାଟି, ବିଭୁତି ଭୂଷଣ ଦାସ, ଚୈତନ୍ୟ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ ଓ ସେକ ଅଜିମୁଦ୍ଦିନଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା । ଶେଷରେ ସୁରେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ନଭେମ୍ବରମାସ ୩୦ତାରିଖ ଶନିବାର "ନୂତନ ଦଣ୍ଡବିଧୀ ଆଇନ-୨୦୨୩ ଏକ ପର୍ଯ୍ୟାଲୋଚନା" ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ।

# ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲରେ ସାହିତ୍ୟ ଆସର




ଧାମରା,(ପି.ଏନ): ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଏହି ସାହିତ୍ୟ ଆସର ଉଦ୍‌ଘାଟନ କରିଥିଲେ । କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶାଳୟର ପୂର୍ବତନ ଅଧିକାରୀ ଡଃ ଭାରତ ସିଂ ପରମାର, ଅବସରପ୍ରାପ୍ତ ଶିକ୍ଷକ ରୁଦ୍ର ନାରାୟଣ ମିଶ୍ର ଏବଂ ଲକ୍ଷ୍ମୀ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ସାହିତ୍ୟରେ ସୃଜନାତ୍ମକ କଳା ମାଧ୍ୟମରେ କିପରି ଛାତ୍ରଛାତ୍ରୀମାନେ କବିତାମନସ୍କ ହେବେ ତାହାକୁ ଶିକ୍ଷାବିତ୍ ଦେବ ନାରାୟଣ ମିଶ୍ର ବିସ୍ତାରିତ ଭାବରେ ବୁଝାଇଥିଲେ । ଅଣହିନ୍ଦୀ ଭାଷାଭାଷୀ ରାଷ୍ଟ୍ରରେ ଶିକ୍ଷାରେ ଭୋଗୁଥିବା ସମସ୍ୟା ଓ ସମାଧାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ ଶିକ୍ଷକ ସନ୍ତୋଷ କୁମାର ନାୟକ ସ୍ୱରଚିତ କବିତା ପାଠ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ଏହି ସାହିତ୍ୟ ଆସର ମୂଳଲକ୍ଷ୍ୟ ଉପସ୍ଥାପନା କରିଥିଲେ । ଶିକ୍ଷକ ସାନୁଜ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଗିତୀକା ସିଂ ପରମାର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ଶିକ୍ଷକ ଆକାଶଦୀପ ବାନାର୍ଜୀ ଆୟୋଜନ କରିଥିଲେ ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday October 10 | ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୧୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ



ଭୁବନେଶ୍ୱର, (ପି.ଏନ): ଲୋକପ୍ରିୟ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। 'କାଦମ୍ବିନୀ' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ। ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଉନ୍ନତି ଦିଗରେ 'କାଦମ୍ବିନୀ' ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ସେ କହିଥିଲେ। ଆଜିର ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ, କବି ଓ ଗାଳ୍ପିକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ବିଶିଷ୍ଟ ବାଗ୍ମୀ, ସୁବକ୍ତା, ଧର୍ମଶାସ୍ତ୍ର ବିଶାରଦ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଅଧ୍ୟାତ୍ମ୍ୟ ଉପରେ ବିଷଦ ଆଲୋଚନା କରିଥିଲେ। ସେଥି ସହ ଏହିସବୁ କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଭୂମିକା ରହିଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ।ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରଚ୍ଛଦପଟ୍ଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

## ଇଫକୋ ନିର୍ଦ୍ଦେଶକଙ୍କୁ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ସଦସ୍ୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ପାରାଦୀପ,(ପି.ଏନ): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସଦସ୍ୟମାନେ ସୋମବାର ଦିନ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ ପି.କେ. ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଶ୍ରୀ ମହାପାତ୍ରଙ୍କୁ ଭେଟିଥିଲେ । ଶ୍ରୀ ମହାପାତ୍ର ଗତ ୩ ତାରିଖ ଦିନ ଇଫକୋ ପାରାଦୀପ ୟୁନିଟ୍‌ର ନୂତନ ୟୁନିଟ୍ ହେଡ୍ ତଥା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଇଫକୋ ପାରାଦୀପ କେନ୍ଦ୍ରାପଡା ଜିଲ୍ଲା ଏବଂ ଜଗତସିଂହପୁର ଜିଲ୍ଲାର ପାରିପାର୍ଶ୍ୱିକ ଉନ୍ନୟନରେ ବହୁଳ ଭୂମିକା ରହିଛି । ବୃକ୍ଷରୋପଣ ସହିତ ଆପତକାଳୀନ ସମୟରେ ଲୋକଙ୍କ ପାଖରେ ବିପଦର ବନ୍ଧୁ ଭାବେ ଠିଆ ହୋଇଛି । ସବୁଜ କାରଖାନା ଭାବେ ଇଫକୋ ପାରାଦୀପ ୟୁନିଟ୍ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହାକୁ ଟ୍ରଷ୍ଟର ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିଥିଲେ । ଯାହାକୁ ଆଗାମୀ ଦିନରେ ଜାରି ରଖିବାକୁ ଟ୍ରଷ୍ଟ ପକ୍ଷରୁ ଶ୍ରୀ ମହାପାତ୍ରଙ୍କୁ ନିବେଦନ କରାଯାଇଥିଲା । ପାରାଦୀପ ୟୁନିଟ୍‌ର ଉନ୍ନତି ପାଇଁ କାମ କରିବେ ତଥା ପ୍ଲାଣ୍ଟକୁ ଉନ୍ନତିର ଶୀର୍ଷ ସୋପାନରେ ପହଂଚେଇବା ପାଇଁ ସେ କାମ କରିବେ ବୋଲି ଶ୍ରୀ ମହାପାତ୍ର କହିଥିଲେ ।

EDUNOM
Guiding Career Since 2007

MBBS Abroad
Pre - Departure Ceremony

To be Held on
10am to 4pm on Thursday
10th October 2024
Hotel Seetal, Bhubaneswar

Chief Guest
Dr. Rabindra Narayan Behera, Hon'ble Member of Parliament

Guest of Honour
Prof. Dr. Ashok Mahapatra, Former Director AIIMS

Guest of Honour
Dr. Gangadhar Sahoo, Ex Dean, IMS and SUM Hospital Bhubaneswar

Chief Speaker
Prof. Dr. Prasanna Kumar Pattasani, Former MP and Minister

Programme Schedule

| | |
|---|---|
| 11:00am - 11:05am | National Anthem |
| 11:05am - 11:10am | Lighting of Lamp |
| 11:10am - 11:15am | Introductory Speech by Our Director Lambodar Rout |
| 11:15am - 11:25am | Key Note Address by Dr. Gangadhar Sahoo |
| 11:25am - 11:40am | Key Note Address by Dr. Ashok Mahapatra |
| 11:40am- 11:55am | Key Note Address by Dr. Prasanna Kumar Pattasani |
| 11:55am - 12:10pm | Key Note Address by Dr. Rabindra Narayan Behera |
| 12:10pm - 12:30pm | Appreciation Ceremony |
| 12:30pm - 12:45pm | Experience Sharing and Briefing by Lambodar Rout |
| 12:45pm - 1:00pm | Question & Answer Session |
| 01:00pm - 1:30pm | Document, Ticket & Dollar Distribution |
| 01:30pm Onwards | Lunch |

## ବମକୁରା ହାଇସ୍କୁଲରେ ଧାମନଗର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ




ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ୍ କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମୂରଲୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା,ଜୟ କିଷନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର,ଅବସରପ୍ରାପ୍ତ ଶିକ୍ଷକ ହରି ହର ସାମଲ, ବମକୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀ,ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କରସର୍ମା,ଶିକ୍ଷକ ଦିଲ୍ଲୀପ କୁମାର ରାଉତ ପ୍ରମୁଖ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାରମ୍ଭରେ ଶିକ୍ଷକ ମଧୁସୂଦନ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସୁଭଲକ୍ଷ୍ମି ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡା ଖେଳକୁ ପରିଚାଳନା କରିଥିବା ବେଳେ ଦୁଇ ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରୁ ଯୋଗ୍ୟ ବିବେଚିତ କ୍ରୀଡାବିତ୍ ମାନେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଖେଳ ଶିକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ଜନ ବିରିଧି କାର୍ଯ୍ୟକୁ ନିନ୍ଦା କରି ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର



ଭବାନୀପାଟଣା, (ପି.ଏନ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଖଣି ଖନନ ଅଞ୍ଚଳ ଅନ୍ତର୍ଗତ କେରପାଇ, ତଳ ଆମ୍ବପଦର, ନାକରୁଣ୍ଡି ଗ୍ରାମପଂଚାୟତ ଅନ୍ତର୍ଗତ ୧୩ ଖଣ୍ଡ ଗାଁ ମହାଜଲ, କେରପାଇ, ତାରଡେଇ, ସର୍ଗ ପଦର, ଚୂଲବାଡ଼ି, ଉପର ଆମପଦର, ତଳ ଆମପଦର, ତିଜିମାଳି, ନାକରୁଣ୍ଡି, ଆମ ଝୋଲା, ଭିତସୁଇଙ୍ଗ, ଆନିକନା, ମେଲଘରା ଆଦି ଗ୍ରାମର ଖଣି ଖନନ ପାଇଁ ପ୍ରଭାବିତ ୩୫୦ ରୁ ଉର୍ଦ୍ଧ ଗ୍ରାମ ବାସୀ ଆଜି କଳାହାଣ୍ଡି ଜିଲ୍ଲାପାଳ ଙ୍କୁ ଭେଟି କିଛି ଅସାଧୁ ଲୋକଙ୍କ ଜନ ବିରିଧି ତଥା ଶିଳ୍ପ ନୀତିକୁ ବିରୋଧ ନିନ୍ଦା କୁ ନେଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି କ୍ଷ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଅନ୍ତର୍ଗତ ସିଜିମାଳି ଖଣି ଉତ୍ତୋଳନ ହେଲେ ସ୍ଥାନୀୟ ଅଂଚଳର ବିକାଶ ସହିତ ଆଦିବାସୀଙ୍କ ଉର୍ନ୍ନତି ହେବ ବୋଲି ସ୍ଥାନୀୟ ଗ୍ରାମବାସୀ ମାନେ ପୂର୍ବରୁ ଅନୁଷ୍ଠିତ ଗ୍ରାମସଭା ମାନଙ୍କରେ ଦାବି କରି ଆସୁଛନ୍ତି କିନ୍ତୁ କିଛି ଜନ ବିରୋଧୀ ଓ ଆଦିବାସୀ ବିରୋଧୀ ମାନେ ସ୍ଥାନୀୟ ଲୋକଙ୍କୁ ନକଲି ମାଓବାଦୀ ହୋଇ ଗ୍ରାମବାସୀ ମାନଙ୍କୁ ବିରୋଧ କରିବା ସହ ସ୍ଥାନୀୟ ଅଂଚଳରେ ଶିଳ୍ପ ଓ ବିକାଶ କୁ ବିରୋଧ କରୁଛନ୍ତି। ପୂର୍ବରୁ ମଧ୍ୟ ଥୁଆମୂଳ ରାମପୁର ବିଡ଼ିଓ ଙ୍କୁ ସେହି କଥାକଥିତ ନକଲି ମାଓବାଦୀ ତଥା ଜନବିରୋଧୀ ବ୍ୟକ୍ତି ମାନେ ବିରୋଧ କରି ସଭା ସମିତି କରାଇ ଦେଇନଥିବା ଅଭିଯୋଗ ହୋଇଛି କ୍ଷ ଏନେଇ ଆଜି ଥୁଆମୂଳ ରାମପୁର ବ୍ଲକର ତିନି ପଂଚାୟତ ର ତେର ଖଣ୍ଡ ଗ୍ରାମର ଗ୍ରାମବାସୀ ମାନେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଙ୍କୁ ସାକ୍ଷ୍ୟାତ କରି ଏଭଳି ଶିଳ୍ପ ଓ ଜନବିରୋଧୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ସେମାନଙ୍କ ସୁରକ୍ଷ୍ୟା ଦାବିକରିଛନ୍ତି କ୍ଷ ରାମ ନାଏ କ, ଅଜିତ ନାଏକ, ସଂଜୀବ ମାଝୀ, ସାନ ମାଝୀ, ରାମଚନ୍ଦ୍ର ମାଝୀ, ସୋନୁ ମାଝୀ, ସାଧୁରାମ ନାଏକ ପ୍ରମୁଖ ଗ୍ରାମବାସୀ ମାନଙ୍କ ପକ୍ଷରୁ ପ୍ରତିନିଧିଭାବେ ଜିଲ୍ଲାପାଳ ଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

## ଗୋପବନ୍ଧୁ ଜୟନ୍ତୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜେନାପୁର,(ପି.ଏନ୍) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କନ୍ତପଡା ଛକ ନିକଟସ୍ଥ ଗୋପବନ୍ଧୁ ପ୍ରେସ୍ କ୍ଲବ୍ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ପ୍ରେସ୍ କାର୍ଯ୍ୟାଳୟରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଉତ୍କଳମଣୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ପରିବେଶ ପ୍ରଦୂଷଣ ଓ ଏହାର ନିୟନ୍ତ୍ରଣ ତଥା ସୁରକ୍ଷା ପାଇଁ ବୃକ୍ଷ ରୋପଣ କରାଯାଇଥିଲା। ସେହିପରି ଶାଗୁଆନ,ଶିଶୁ, ଅଶୋକ, ସିରିସ ଆଦି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇ ଏହାର ସେବା ଯତ୍ନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗୋପବନ୍ଧୁ ପ୍ରେସ୍ କ୍ଲବ୍ ସଭାପତି ବସନ୍ତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଚିତ୍ରସେନ ନାଥ,ଉପସଭାପତି ଅସିତ କୁମାର ନାୟକ, ସହସମ୍ପାଦକ ନିଷ୍କାନ୍ତ ଖଟୁଆ, କୋଷାଧ୍ୟକ୍ଷ ସୁନୀଲ ପାତ୍ରୀ, ଉପଦେଷ୍ଟା ଅମର କୁମାର ଭୂୟାଁ, ପ୍ରଶାନ୍ତ ସାମଲ, ସତ୍ୟଜିତ ଦାଶ ଙ୍କ ସମେତ କଲେଜ ଅଧକ୍ଷ ହେମନ୍ତ କୁମାର ଦାସ, ଅଧ୍ୟାପକ ଅରୁଣ କୁମାର ନାୟକ, ଅଭିମନ୍ୟୁ ସାହୁ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏପରି ମହତ କାର୍ଯ୍ୟକ୍ରମକୁ ଦେଖି କଲେଜ୍ କର୍ତ୍ତୃପକ୍ଷ ଓ ଆବାଳ ବୃଦ୍ଧିଜୀବୀ ଭୂୟଶ୍ରୀ ପ୍ରଶଂସା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray